## ସଂକ୍ଷେପରେ

### ନୂତନ ରୋଟାରାକ୍ଟ କ୍ଲବ ଗଠିତ

ଭଦ୍ରକ ଅଫିସ, ୨୮।୮: ଭଦ୍ରକ ରୋଟାରୀ କ୍ଲବ ଆନୁକୂଲ୍ୟରେ ୧୮ରୁ ୩୦ ବର୍ଷର ୩୦ ଜଣ ଯୁବପିଢ଼ିଙ୍କୁ ନେଇ ଏକ ନୂତନ ରୋଟାରାକ୍ଟ କ୍ଲବ ଗଠିତ ହୋଇଛି। ଭଦ୍ରକ ରୋଟାରୀ କ୍ଲବ ପରିସରରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଭିଷ୍ଣୁରଞ୍ଜନ ପଣ୍ଡା, ସମ୍ପାଦକ ତଥାଗତ ଦାସ, ଉପସଭାପତି ଭାବେ ଅଜିତ ମହାପାତ୍ର, ଦେବାଶିଷ ବେହେରା, ସହସମ୍ପାଦକ ସୌମ୍ୟରଞ୍ଜନ ଭୂୟାଁ ଏବଂ ଟ୍ରେଜର ଭାବେ ଜୟକିଶନ ଦାସ ନିର୍ବାଚିତ ହୋଇଛନ୍ତି। ରୋଟାରାକ୍ଟ କ୍ଲବର ଚେୟାରମ୍ୟାନ ମଙ୍ଗିଲାଲ ବଲଦେବା, ମେଣ୍ଟର ଜୟନ୍ତ ବାରିକ, ସଭାପତି ସୁଧିରଞ୍ଜନ ନାୟକ ଓ କ୍ଲବ ଟ୍ରେନର ମନୋଜ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ୪ ୱାରେଣ୍ଟି ଗିରଫ

ବନ୍ତ,୨୮।୮(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ୪ ଜଣ ୱାରେଣ୍ଟିଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତାଳବାଙ୍କ ଗ୍ରାମର ଗୌରା ମୁଣ୍ଡା, ଗଙ୍ଗା ମୁଣ୍ଡା, ମାଳତୀ ମୁଣ୍ଡା ଓ ଟିଲୋ ଗ୍ରାମର କାଳନ୍ଦୀ ଜେନା। ୨୦୦୭ ମସିହା କେଶ୍‌ରେ ସମ୍ପୃକ୍ତ ଏହି ବ୍ୟକ୍ତିମାନେ କୋର୍ଟରେ ହାଜର ହୋଇ ନ ଥିବା କାରଣରୁ ସେମାନଙ୍କ ନାମରେ ୱାରେଣ୍ଟ ଥିଲା ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି।

### ଉର୍ସ ଉତ୍ସବ ପ୍ରସ୍ତୁତି

ଭଦ୍ରକ ଅଫିସ, ୨୮।୮: ଭଦ୍ରକ ପୁରୁଣାବଜାରସ୍ଥିତ ମିର୍ଜାପୁର ଖାନ୍‌କା କୁଦ୍ଦୁସୀୟାଠାରେ ମୁଫ୍‌ତି-ଏ-ଆଜମ୍ ମୌଲାନା ସୈୟଦ ଅବଦୁଲ କୁଦ୍ଦୁସଙ୍କ ରୌପ୍ୟ ଜୟନ୍ତୀ ଉର୍ସ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲହାଜ ସୈୟଦ ଅତା ମୋହିଉଦ୍ଦିନ ଅଧକ୍ଷତା କରିଥିଲେ। ଆସନ୍ତା ନଭେମ୍ବର ୨ ଓ ୩ ତାରିଖରେ ଏହି ଉତ୍ସବ ପାଳନ କରାଯିବ। ଦେଶ ଓ ଦେଶ ବାହାରୁ ଅନେକ ବିଦ୍ୱାନ ଉଲେମା ଓ ପ୍ରତିଷ୍ଠିତ କବି ଏଥିରେ ଯୋଗଦେବେ ବୋଲି ବୈଠକରେ କୁହାଯାଇଥିଲା। ଖାନ୍‌କାହର ଓଲିଅହଦ ସୈୟଦ ଅରଫେ ରସୁଲ ଅଜହରୀ କହିଥିଲେ, ମୁଫ୍‌ତି-ଏ-ଆଜମ୍ ଓଡ଼ିଶା ଇସ୍‌ଲାମୀ ଶରୀୟତ୍‌ର ପୃଷ୍ଠପୋଷକ ଥିଲେ, ତାଙ୍କ ଉର୍ସ ମଧ ଶରୀୟତ୍ ଅନୁଯାୟୀ ପାଳନ କରାଯିବ। ଆଲ୍‌ହାଜ ସୈୟଦ ଫଜ୍‌ଲେ ରସୁଲ ଉର୍ସର ପ୍ରସ୍ତୁତି ବୈଠକ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କୋରାନ ପାଠ କରାଯାଇ ନାତ୍ ଶରିଫ୍ ଆବୃତ୍ତି କରାଯାଇଥିଲା। ବହୁସଂଖ୍ୟାରେ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି କମିଟିର ସାଙ୍ଗଠନିକ ସମ୍ପାଦକ ଅଲ୍‌ହାଜ୍ ଉସ୍‌ମାନୁଲ ହକ୍ ଓ ସମ୍ପାଦକ ରମ୍‌ଜାନ୍ ଖାନ୍ ସୂଚନା ଦେଇଛନ୍ତି।

### ଘରୁ ନାଗ ଉଦ୍ଧାର



ଭଣ୍ଡାରିପୋଖରୀ,୨୮।୮(ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଅଧୀନ ଚତୁର୍ଭୁଜପୁର ଗ୍ରାମର ଉର୍ମିଳା ଶତପଥୀଙ୍କ ଘରୁ ବୁଧବାର ସାଢ଼େ ୪ ଫୁଟ ଲମ୍ବର ଏକ ନାଗସାପ ଉଦ୍ଧାର କରାଯାଇଛି। ପ୍ରକାଶ ଯେ, ରବିବାର ରାତିରେ ଉର୍ମିଳାଙ୍କ ପରିବାର ଲୋକେ ଘର ଭିତରକୁ ଏକ ସାପ ପଶିଥିବାର ଦେଖିଥିଲେ। ସୋମବାର ଭଦ୍ରକର ସାପଧରାଳି ସେକ୍ ମିର୍ଜାଙ୍କୁ ଜଣାଇଥିଲେ। ମିର୍ଜା ପହଞ୍ଚି ଘରର କାନ୍ଥ, ଚଟାଣ ଖୋଳାଖୋଳି କରିଥିଲେ ମଧ ସାପ ଏକ ଗାତ ଭିତରକୁ ପଶିଯାଇଥିଲା। ମିର୍ଜା ନିରାଶ ହୋଇ ଗାତ ମୁହଁ ବନ୍ଦ କରି ପଳାଇଥିଲେ। ସାପ ଗାତରୁ ବାହାରି ଦେଖାଦେଲେ ତାଙ୍କୁ ଫୋନ କରି ଜଣାଇବାକୁ କହିଥିଲେ। ବୁଧବାର ସାପ ବାହାରି ଘରେ ବୁଲୁଥିବାର ପରିବାର ଲୋକେ ଦେଖି ତାଙ୍କୁ ଜଣାଇଥିଲେ। ମିର୍ଜା ବୁଧବାର ମଧାହ୍ନରେ ସେଠାରେ ପହଞ୍ଚି ନାଗକୁ ଉଦ୍ଧାର କରି ଧାମନଗର ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି।

# ୧୯,୧୬୧ ପାଇଖାନା ଅସମ୍ପୂର୍ଣ୍ଣ

**ସ୍ୱଚ୍ଛଭାରତ ମିଶନ**
- ୨୦,୩୯୪ ପାଇଖାନା ନିର୍ମାଣ ସରିଛି
- ୫ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଳମୁକ୍ତ ଘୋଷଣା

ବାସୁଦେବପୁର, ୨୮।୮ (ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ)ରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଲକ୍ଷ୍ୟ ଧାର୍ଯ୍ୟ ଥିବା ୩୯,୫୫୫ଟି ପାଇଖାନା ମଧ୍ୟରୁ ୨୦,୩୯୪ଟି ନିର୍ମାଣ ସରିଛି। ୧୯,୧୬୧ ପାଇଖାନା ନିର୍ମାଣାଧୀନ ରହିଥିବା ବେଳେ ସେଥିମଧ୍ୟରୁ ୧୦,୪୦୦ର ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହି ମିଶନକୁ ସର୍ବାଧିକ ଗୁରୁତ୍ୱ ଦେଇ ଗ୍ରାମ ଓ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଳମୁକ୍ତ କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ଗାନ୍ଧୀ ଜୟନ୍ତୀରେ ଶତ ପ୍ରତିଶତ ସଫଳତା ହାସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖିଛନ୍ତି।

ଉଲ୍ଲେଖନୀୟ ଯେ, ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ ଥିବାବେଳେ ଲୋକଙ୍କ ଆବଶ୍ୟକତାକୁ ଆଧାର କରି ୩୯,୫୫୫ ପାଇଖାନା ନିର୍ମାଣ ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପାଇଖାନା ନିର୍ମାଣ ବାବଦକୁ ଜିଲା ଜଳ ପରିମଳ ମିଶନ ପକ୍ଷରୁ ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ ତତ୍ତ୍ୱାବଧାନରେ ୧୨ ହଜାର ଟଙ୍କା କରି ସରକାର ପ୍ରୋତ୍ସାହନ ରାଶି ହିତାଧିକାରୀଙ୍କୁ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ବ୍ଲକରେ ସମ୍ପୂର୍ଣ୍ଣ ହୋଇସାରିଥିବା ପ୍ରକଳ୍ପ ବାବଦକୁ ୨୩.୭୮ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଇ ସାରିଛି। ଅସମ୍ପୂର୍ଣ୍ଣ ପାଇଖାନା ନିର୍ମାଣ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ବିଭାଗ ପକ୍ଷରୁ ବ୍ଲକରେ ୫୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିର୍ମାଣ ଓ ତଦାରଖ ଦାୟିତ୍ୱ ଦିଆଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗାଁ ଗାଁ ବୁଲି କିପରି ସ୍ୱଚ୍ଛ ଭାରତ ମିଶନ ସଫଳ ହୋଇପାରିବ ସେ ନେଇ ସଚେତନତା ସୃଷ୍ଟି କରିବେ ବୋଲି ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ପାଢ଼ୀ କହିଛନ୍ତି। ଏହି ବ୍ଲକରେ ପାଇଖାନା ନିର୍ମାଣର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ୫ ପଞ୍ଚାୟତ ବ୍ରାହ୍ମଣଗାଁ, ନରସିଂହପୁର, ଆରୁହା, ଜଗନ୍ନାଥପୁର, ବରଣ୍ଡୁଆ ସମ୍ପୂର୍ଣ୍ଣ ମଳମୁକ୍ତ ପଞ୍ଚାୟତ ଭାବେ ଜିଲାସ୍ତରରେ ପୁରସ୍କୃତ ହୋଇଛନ୍ତି। ବ୍ରାହ୍ମଣଗାଁରେ ୧୬୧୬, ନରସିଂହପୁରରେ ୧୨୦୬, ଜଗନ୍ନାଥପୁରରେ ୧୨୯୮, ଆରୁହାରେ ୧୩୧୧ ଓ ବରଣ୍ଡୁଆରେ ୧୪୮୧ ପାଇଖାନା ନିର୍ମାଣ ସରି ଅନ୍ୟ ପଞ୍ଚାୟତ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗର ଅନ୍ୟତମ ଯନ୍ତ୍ରୀ ଭରତ ସାହୁଙ୍କ ସୂତ୍ରରୁ ପ୍ରକାଶ। ପାଇଖାନା ନିର୍ମାଣ କ୍ଷେତ୍ରରେ ରାଜଘରପୋଖରୀ, ବିଦେଇପୁର, ଗୁଆଗଡ଼ିଆ ପଛୁଆ ପଡ଼ିଥିବା ବିଭାଗ ସୂତ୍ରରୁ ଜଣାଯାଇଛି। ଏ ସମ୍ପର୍କରେ ବିଡିଓ ବୀରକିଶୋର ପାଣିଗ୍ରାହୀ କହିଛନ୍ତି, ବାସୁଦେବପୁରକୁ ସମ୍ପୂର୍ଣ୍ଣ ମଳମୁକ୍ତ ବ୍ଲକ ଭାବେ ପରିଗଣିତ କରିବା ଲାଗି ଜନସଚେତନତା ସହ ମାଇକ ପ୍ରଚାର ମାଧ୍ୟମରେ ହିତାଧିକାରୀଙ୍କୁ ସଚେତନ କରାଯାଉଛି। ତେବେ ସରକାରଙ୍କର ଏହି ପାଇଲଟ୍ ପ୍ରକଳ୍ପକୁ ସଫଳ କରିବା ପାଇଁ ସରକାରୀ କର୍ମଚାରୀଙ୍କୁ ତାଗିଦ୍ କରାଯାଉଛି ବୋଲି ସେ କହିଛନ୍ତି।



.ନିର୍ମାଣାଧୀନ ପାଇଖାନା।

## ଦକ୍ଷତା ବିକାଶ ପରାମର୍ଶ ଶିବିର
# ୫୫୦ ଆଶାୟୀ ଯୁବତୀଯୁବକ ପଞ୍ଜୀକୃତ



ଶିବିରରେ ନିଯୁକ୍ତି ଆଶାୟୀ ଯୁବତୀ ଯୁବକ।

ବାସୁଦେବପୁର, ୨୮।୮ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବୁଧବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଦକ୍ଷତା ବିକାଶ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲ୍ଲିକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଶିକ୍ଷିତ ବେରୋଜଗାରୀ ଯୁବତୀ ଯୁବକଙ୍କ କର୍ମନିଯୁକ୍ତି ଏହି ଶିବିରର ପ୍ରମୁଖ ଲକ୍ଷ୍ୟ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ବୀରକିଶୋର ପାଣିଗ୍ରାହୀ ଓ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଜିଲା ଦକ୍ଷତା ବିକାଶ ସଂଯୋଜକ ପ୍ରିୟଦର୍ଶନ ଜେନା ସଭାପତିତ୍ୱ କରିଥିଲେ। ବ୍ଲକ ଜୀବିକା ମିଶନ ସଂଯୋଜକ ସନ୍ତୋଷ କୁମାର ଜେନା ଅତିଥି ପରିଚୟ ଓ ଅନ୍ୟତମ ସଂଯୋଜିକା ଅନସୂୟା ଜେନା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଦକ୍ଷତା ବିକାଶ ସଂଯୋଜିକା ଜୟନ୍ତୀଲତା ମଲ୍ଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଶିବିରରେ ୧୪ଟି ସଂସ୍ଥା ପକ୍ଷରୁ ଷ୍ଟଲ ଖୋଲାଯାଇ ରୋଜଗାର ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଇଥିଲା। ମୋଟ ୫୫୦ ଶିକ୍ଷିତ ବେରୋଜଗାରୀ ଯୁବତୀ ଯୁବକ ନିଜର ନାମ ପଞ୍ଜୀକୃତ କରିଥିଲେ। ଏହି ଶିବିରରେ ପୂର୍ବାହ୍ଣଠାରୁ ଅପରାହ୍ଣ ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

# ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା

ଭଦ୍ରକ ଅଫିସ, ୨୮।୮

ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଏକ ସ୍ୱତନ୍ତ୍ର ଉତ୍ସବ ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନାର ବଣ୍ଟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ବିଡିଓ ଉମେଶ ମଲ୍ଲିକ, ଜିଲା ପରିଷଦ ସଭ୍ୟ ସୁକାନ୍ତି ନାୟକ, କ୍ଷୀରୋଦ ରାଉତ ଓ ସରୋଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ୩୬୦ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେହିପରି ୪୪୧ ଜଣଙ୍କୁ ବିଭିନ୍ନ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୪ ଜଣଙ୍କୁ ୨୦ ହଜାର ଲେଖାଏ ଚେକ୍, ୬୧ ଦିବ୍ୟାଙ୍ଗଙ୍କୁ ବସ୍ ପାସ୍ ଓ ୫ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ପ୍ରତିନିଧି ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



ବିଧାୟକଙ୍କ ଦ୍ୱାରା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଭଦ୍ରକ ଅଫିସ,୨୮।୮

ଭଦ୍ରକ ବରପଦା କୁସୁନନଗରସ୍ଥିତ କେକେଆର୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ୟ ବର୍ଷର ଛାତ୍ରୀଙ୍କ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଟଳ ବିହାରୀ ମହାବିଦ୍ୟାଳୟର ଇଂଲିଶ ବିଭାଗ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି ଯୋଗଦେଇ ନବାଗତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ୨ୟ ବର୍ଷର ଛାତ୍ରୀମାନେ ୧ମ ବର୍ଷର ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ସହିତ ଗୋଟିଏ ଗୋଟିଏ ଚାରା ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଜାଦ୍ ଧୂଷୁରୀ ସ୍ମାରକୀ ଦିବସ ସମାରୋହ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଧାମନଗର, ୨୮।୮ (ଡି.ଏନ.ଏ.)

ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୨ୟ ବାର୍ଷିକ ଆଜାଦ୍ ଧୂଷୁରୀ ସ୍ମାରକୀ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଅପରାହ୍ଣରେ ମଞ୍ଚ ଉପଦେଷ୍ଟା ବାବାଜୀ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ହୋଇଥିଲା। ଶତାଧିକ ରାଜନେତା, ଶିକ୍ଷାବିତ୍ ଓ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ଯୋଗଦେଇ କହିଥିଲେ, ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନ ସମୟରେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଧୂଷୁରୀ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନେ ଅଗଷ୍ଟ ୨୮ ତାରିଖରେ ଧୂଷୁରୀ ବଜାରରେ ସ୍ୱାଧୀନ ଡାକରା ଦେଇ ପତାକା ଉତ୍ତୋଳନ କରି ବ୍ରିଟିଶ କ୍ଷମତାକୁ ଚ୍ୟାଲେଞ୍ଜ କରିଥିଲେ। ରାଜ୍ୟରେ ପ୍ରଥମେ ଧୂଷୁରୀ ସ୍ୱାଧୀନତା ପାଇଥିବା ଚର୍ଚ୍ଚିତ ଥିବାବେଳେ ଏହି ଦିବସକୁ ସ୍ମାରକୀ ଦିବସ ଭାବେ ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦୁଇବର୍ଷ ହେବ ପାଳନକୁ ପ୍ରଶଂସା କରାଯାଇଥିଲା। ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ବାମପନ୍ଥୀ ନେତା ଜନାର୍ଦ୍ଦନ ପତି, ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ନିରାକାର ଜେନା, ଦିବ୍ୟସିଂହ ନାୟକ, ଦେବାଶିଷ ସାମଲ, କୃଷକନେତା ଅଜୟ ନାୟକ, କବି ଦୟାନିଧି ମିଶ୍ର ଓ ବରିଷ୍ଠ ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ମଞ୍ଚ ପରିଚାଳନା, ସମ୍ପାଦକ ଦୁର୍ଯ୍ୟୋଧନ ତରାଇ ବିବରଣୀ ପାଠ ଓ ପଣ୍ଡିତ ନୃସିଂହ ଚରଣ ତରାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚନ୍ଦ୍ରଶେଖର ନାୟକ ସ୍ୱାଗତ ଭାଷଣ ଦେଇଥିଲେ।

## ରାସ୍ତାକାମକୁ ବିରୋଧ କରି ମାରପିଟ ଘଟଣା
# ୧୩ ଜଣଙ୍କ ନାଁରେ ମାମଲା

ଭଣ୍ଡାରିପୋଖରୀ, ୨୮।୮ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଫାଣ୍ଡି ଅଧୀନ ନମକଣା ଗ୍ରାମରେ ହେଉଥିବା ଢଳେଇ ରାସ୍ତା ନିମ୍ନମାନର ଅଭିଯୋଗ କରି ଏହାକୁ ବିରୋଧ କରାଯାଇଥିଲା। ଗତ ୨୦ ତାରିଖରେ ଏହାକୁ ନେଇ ଗ୍ରାମରେ ଗଣ୍ଡଗୋଳ ସହ ମାର୍‌ପିଟ ହୋଇଥିଲା। ଏ ନେଇ ମଙ୍ଗଳବାର ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ସ୍ଥାନୀୟ ଥାନାରେ ୧୩ ଜଣଙ୍କ ନାଁରେ ୨ଟି ପୃଥକ୍ ମାମଲା ରୁଜୁ କରାଯାଇଛି। ବନ୍ଦାଲୋ ମଢ଼ିଆଳି ପଞ୍ଚାୟତ ନମକଣା ଗ୍ରାମରେ ଢଳେଇ ରାସ୍ତା କାମ ନିମ୍ନମାନର ହେଉଛି ବୋଲି ଅଭିଯୋଗ କରି କେତେକ ଲୋକ ଭଲ କାମ କର ନ ହେଲେ ବନ୍ଦ କର ବୋଲି କହିବାରୁ ଗଣ୍ଡଗୋଳ ଘଟିଥିଲା। ଅନନ୍ତ ପ୍ରସାଦ ଜେନାଙ୍କ ଅଭିଯୋଗ କ୍ରମେ ୪ ଜଣଙ୍କ ନାମରେ ମାମଲା(ନଂ.୧୩୦/୧୯) ଏବଂ ମାମୁନି ଜେନାଙ୍କ ଅଭିଯୋଗ କ୍ରମେ ୯ ଜଣଙ୍କ ନାଁରେ ମାମଲା(ନଂ.୧୩୧/୧୯) ରୁଜୁ କରି ମଞ୍ଜୁରିରୋଡ ଫାଣ୍ଡି ଅଧିକାରୀ ହୃଷୀକେଶ ନାୟକ ଘଟଣାର ତଦନ୍ତ କରୁଛନ୍ତି।

# ଶିକ୍ଷକ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସଚେତନତା ଶିବିର

ଧାମନଗର, ୨୮।୮ (ଡି.ଏନ.ଏ.)

ଧାମନଗର ବ୍ଲକ ସାହାସପୁର ଉଚ୍ଚ ବିଦ୍ୟାପୀଠ ପରିସରରେ ଭଦ୍ରକ ରୋଟାରୀ କ୍ଲବ ଆନୁକୂଲ୍ୟରେ ଶିକ୍ଷକ ପ୍ରଶିକ୍ଷଣ ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଏକାନ୍ତ ଜରୁରୀ ବୋଲି ଏଥିରେ ଯୋଗ ଦେଇଥିବା ଅତିଥିମାନେ କହିଥିଲେ। ସେହିପରି ଶିକ୍ଷକମାନଙ୍କର ଶିକ୍ଷା ବ୍ୟବସ୍ଥାରେ ଗୁରୁଦାୟିତ୍ୱ ଥିବାବେଳେ ସେମାନେ ସଚେତନ ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। କ୍ଲବ ସଭାପତି ସୁଧୀରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ପ୍ରଧାନଶିକ୍ଷକ ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକନେତା ରଘୁନାଥ ସାହୁ, ରୋଟାରିଆନ ଅତିଶ ବେହେରା ଓ ଅତିରିକ୍ତ ଶିକ୍ଷାଧିକାରୀ ଭୀମସେନ ହୋ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ କ୍ଲବ ଅଧ୍ୟକ୍ଷ ମନୋଜ ସାହୁ। ପ୍ରଶିକ୍ଷକ ଭାବେ ଡା. ପ୍ରଭାସ ମହାନ୍ତି, ଡା. ସୁଧୀରଞ୍ଜନ ନାୟକ, ପ୍ରଫେସର ରାଜକିଶୋର ସାହୁ, ନିର୍ମଳ କୁମାର ଦାସ ଓ ରତିକାନ୍ତ ଦାସ ଯୋଗଦାନ କରିଥିଲେ। ମୋଟ ୧୨୦ ଶିକ୍ଷକ ସହ ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର, ଉମେଶ ମାଝୀ, ଭୀମସେନ ପରିଡ଼ା, ଆନନ୍ଦ ଦୀକ୍ଷିତ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରିଆନ ଅଜିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ପ୍ରଣବ ସାହୁଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ ହୋଇଥିଲା।

# ରଙ୍ଗାଧରଙ୍କ ଶ୍ରାଦ୍ଧବାର୍ଷିକୀ

ବନ୍ତ, ୨୮।୮(ଡି.ଏନ.ଏ.)

ସିପିଆଇର ବରିଷ୍ଠ ନେତା ତଥା ଭଦ୍ରକ ଜିଲା ବନ୍ତ ବ୍ଲକ ସିପିଆଇ ସଙ୍ଗଠନର ପ୍ରତିଷ୍ଠାତା ସ୍ୱର୍ଗତ ରଙ୍ଗାଧର ବିଶ୍ୱାଳଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ବକ୍ତାମାନେ ରଙ୍ଗାଧରଙ୍କ ତ୍ୟାଗ ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବାମପନ୍ଥୀ ଚିନ୍ତାଧାରାରେ ସେ ସିପିଆଇ ସଙ୍ଗଠନକୁ ସୁଦୃଢ଼ କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଷେଣ୍ଟତୀରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବରିଷ୍ଠ ସିପିଆଇ ନେତା ଗୋପବନ୍ଧୁ ସେଠୀ, ସିପିଆଇ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜୋନ୍ ସମ୍ପାଦକ ରମେଶ ଜେନା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଫକୀର ଚରଣ ବିଶ୍ୱାଳ, ଷେଣ୍ଟତୀରା ସେବା ସମବାୟ ସମିତି ସଭାପତି ପ୍ରେମାନନ୍ଦ ନାୟକ, ପଞ୍ଚାୟତ ବିଜେଡି ସଭାପତି ହୃଷୀକେଶ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚରଣ ମହାନ୍ତି, ଭାସ୍କର ଚନ୍ଦ୍ର ସେନାପତି, ଗୋପାଳ ସେନାପତି, ପ୍ରଭାତ କୁମାର ସେନାପତି, ରଘୁନାଥ ନାୟକ, କିଶୋର ବିଶ୍ୱାଳ, ଭରତ ସେନାପତି, ନାଏବ ସରପଞ୍ଚ ଶିବଚରଣ ଖଣ୍ଡେଇ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶ୍ରୀଧର ମହାନ୍ତି, ସୀତାରାମ ସେଠୀ, ନିରଞ୍ଜନ ସେଠୀ, ବିନୋଦ ପ୍ରଧାନ, ନିରଞ୍ଜନ ସାହୁ, ବ୍ରଜ ଖୁଣ୍ଟିଆ, ରବୀନ୍ଦ୍ର ସେଠୀ, ଧନେଶ୍ୱର ଜେନା, କୃଷ୍ଣ ଜେନା ଓ ଅଶୋକ ବେହେରା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# କମିଟି ପୁନର୍ଗଠନ ଦାବିରେ ବିଦ୍ୟାଳୟରେ ତାଲା

ଆରଡ଼ି, ୨୮।୮ (ଡି.ଏନ.ଏ.)



ଅଭିଭାବକ ଓ ପ୍ରଧାନଶିକ୍ଷକଙ୍କ ସହ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।

- ଅନିୟମିତତା ନେଇ ଅଭିଯୋଗ କଲେ ଅଭିଭାବକ
- ପୋଲିସ ହସ୍ତକ୍ଷେପ ପରେ ତାଲା ଖୋଲିଲା

ବିଦ୍ୟାଳୟ କମିଟି ପୁନର୍ଗଠନ ଦାବିରେ ଧାମନଗର ବ୍ଲକର ବାପୁଜୀ ନୋଡାଲ ହାଇସ୍କୁଲ ଅଧୀନ ବାଙ୍କସାହି ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସକାଳେ ଅଭିଭାବକମାନେ ତାଲା ପକାଇ ଦେଇଥିଲେ। ଏଥିସହିତ ସେମାନେ ବିଦ୍ୟାଳୟ ଆଗରେ ବସିରହିଥିଲେ। ଫଳରେ ସକାଳ ୯ଟା ୧୫ରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ଏ ନେଇ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳ ଧୂଷୁରୀ ଥାନାରେ ଏତଲା ଦେବା ପରେ ଏଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକ ସେଠାରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ କମିଟି ଗଠନରେ ଅନିୟମିତତା ହୋଇଛି। କମିଟି ପୁନର୍ଗଠନ କରାଯାଉ ବୋଲି ଅଭିଭାବକମାନେ ଦାବି ଜଣାଇଥିଲେ। ସେମାନଙ୍କ ଦାବି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ପୁନର୍ବିଚାର କରିବେ ବୋଲି ଏଏସ୍‌ଆଇ ମଲ୍ଲିକ ପ୍ରତିଶ୍ରୁତି ଦେବାରୁ ବିଦ୍ୟାଳୟରୁ ତାଲା ଖୋଲା ଯାଇଥିଲା। ଏହା ପରେ ବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ପରେ ସିଆର୍‌ସିସି ପ୍ରଦୀପ କୁମାର ଦାଶ ଓ ଧାମନଗର ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ ବିଦ୍ୟାଳୟରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଅନିୟମିତତା ଭାବେ କମିଟି ଗଠନ ସହ ମଧ୍ୟାହ୍ନ ଭୋଜନ ପରିଚାଳନାରେ ତ୍ରୁଟି, ଜାତିଆଣ ଭେଦଭାବ ଆଦି ନେଇ ଛାତ୍ର ଅଭିଭାବକମାନେ ସିଆର୍‌ସିସିଙ୍କୁ ଲିଖିତ ଭାବେ ଜଣାଇଥିଲେ। ପିଲାମାନଙ୍କୁ ଜାତିଆଣ ମନୋବୃତ୍ତି ନେଇ ଅଲଗା ବସାଇ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ କମିଟି ଗଠନରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ବିଦ୍ୟାଳୟରେ ଗଣତାନ୍ତ୍ରିକ ଉପାୟରେ କମିଟିର ସଭ୍ୟାସଭ୍ୟ ଚୟନ କରାଯାଇଛି। କେତେକ ବ୍ୟକ୍ତି ଅଯଥାରେ ବିଦ୍ୟାଳୟରେ ରାଜନୀତି କରୁଥିବା ରଇପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ନାୟକ କହିଥିଲେ। ଠିକ୍ ଫୋରମରେ ବିଦ୍ୟାଳୟ କମିଟି ଗଠନ କରାଯାଇଛି। ମଧ୍ୟାହ୍ନ ଭୋଜନ ପରିଚାଳନାରେ କୌଣସି ତ୍ରୁଟି ନାହିଁ କି ଏଠାରେ କୌଣସି ପକ୍ଷପାତିତା କରାଯାଇ ନ ଥିବା ପ୍ରଧାନ ଶିକ୍ଷକ କହିଥିଲେ। ଏହାଛଡ଼ା ଏବିଇଓ ଏବଂ ସିଆର୍‌ସିସି ପ୍ରାୟ ସମୟରେ ବିଦ୍ୟାଳୟ ପରିଦର୍ଶନରେ ଆସୁଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସିଆର୍‌ସିସି ଦାଶଙ୍କୁ ପଚାରିବାରୁ କହିଛନ୍ତି, ଶିକ୍ଷା ପରିଚାଳନା କମିଟି ସଭ୍ୟାସଭ୍ୟ ଚୟନ ଦିନ ଆବଶ୍ୟକଠାରୁ ଅଧିକ ଅଭିଭାବକ ଉପସ୍ଥିତ ଥିଲେ। ଯେଉଁମାନେ ବିଦ୍ୟାଳୟରେ ତାଲା ପକାଇଥିଲେ ସେମାନେ ମଧ ସେଦିନ ସଭ୍ୟାସଭ୍ୟ ଚୟନରେ ସହଯୋଗ କରିଥିବା ରେଜିଷ୍ଟରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ସହରକୁ ଜବରଦଖଲ ମୁକ୍ତ କରିବାକୁ ଦାବିପତ୍ର

**ବାଲେଶ୍ୱର ଅଫିସ,୨୮।୮:** ବାଲେଶ୍ୱର ସହରର ମୁଖ୍ୟ ରାସ୍ତାର ଉଭୟପାର୍ଶ୍ୱରେ ଥିବା ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ଜନ ଜାଗରଣ ସମିତି ପକ୍ଷରୁ ବୁଧବାର ଅପରାହ୍ନ ୫ଟା ସମୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ତଥା ପୌରାଞ୍ଚଳ ଅଧିକାରୀ ନୀଲୁ ମହାପାତ୍ରଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ଓଟି ରୋଡ୍‌ର ଫକୀରମୋହନ ଗୋଲେଇ ଠାରୁ କୁରୁଡ଼ା ବାଇପାସ୍ ଛକ, ଷ୍ଟେଶନ ଠାରୁ ପାତ୍ରପଡ଼ା ଛକ, ଆଇଟିଆଇ ଛକରୁ ହେମକାପଦା ଛକ, ଫାଣ୍ଡି ଛକରୁ ସିନେମା ଛକ, ବସ୍‌ଷ୍ଟାଣ୍ଡରୁ ଫକୀରମୋହନ ମେଡ଼ିକାଲ କଲେଜ ଛକର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଡ୍ରେନ୍ ନିର୍ମାଣ ସହ ଆବଶ୍ୟକସ୍ଥଳେ ପାଦ ଚଲା ରାସ୍ତା ନିର୍ମାଣ ପାଇଁ ଜନ ଜାଗରଣ ସମିତି ଦାବି କରିଛି। ସେହିପରି ରାସ୍ତା ଉପରେ ବର୍ଷ ବର୍ଷ ଧରି ଛିଡ଼ା ହେଉଥିବା ବଡ଼ବଡ଼ ଯାନ, ବେଆଇନ୍ ଭାବରେ ବ୍ୟକ୍ତିଗତ ବ୍ୟବହାର ପାଇଁ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର, ଜେନେରେଟର ରଖିବା ଭଳି ବେଆଇନ୍ କାର୍ଯ୍ୟକୁ ,ରୋକିବା ଲାଗି ପ୍ରଶାସନ ନିକଟରେ ଦାବି କରାଯାଇଛି। ଜନ ଜାଗରଣ ସମିତିର ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ଏମ୍‌ଡ଼ି ଇକବାଲ ଖାଁ, ଅନ୍ତର୍ଯ୍ୟାମୀ ପ୍ରଧାନ, ରଘୁନାଥ ଲେଙ୍କା, ଲକ୍ଷ୍ମୀଧର ବେହେରା, ଗିରିଜା ଶଙ୍କର ଦାସ, ଶରତ ଚନ୍ଦ୍ର ମହାନ୍ତି, ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

### ଦୁଇଦିନ ଧରି ମଧ୍ୟାହ୍ନଭୋଜନ ବନ୍ଦ

**ରୂପସା,୨୮।୮(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଅନ୍ତର୍ଗତ ଅମ୍ବାପୁଜା ନୋଡ଼ାଲ ୟୁପି ସ୍କୁଲରେ ଦୁଇଦିନ ଧରି ମଧ୍ୟାହ୍ନ ଭୋଜନ ବନ୍ଦ ରହିଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ କର୍ମକର୍ତ୍ତାଙ୍କ ସ୍ୱାମୀ ଜଣେ ଶିକ୍ଷକଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ବସ୍ତା ଥାନାରେ ଅଭିଯୋଗ ହୋଇଛି। ଏଥିଲାଗି ଦୁଇଦିନ ଧରି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରନ୍ଧା ଯାଇ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାରୁ ବିଦ୍ୟାଳୟରେ ବିଶୃଙ୍ଖଳା ପରିସ୍ଥିତି ଲାଗି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଗଣ୍ଡଗୋଳ ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିବା କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପତିରାଜପୁର, ମାଖନପୁର ହେବ ପର୍ଯ୍ୟଟନ କ୍ଷେତ୍ର

**ଖଇରା,୨୮।୮(ଡି.ଏନ.ଏ.)**

- ଖଇରା ପଞ୍ଚାୟତ ସମିତ ଅଧିବେଶନ
- ବୈଠକରେ ମନ୍ତ୍ରୀ, ଏମ୍‌ପି ସମ୍ବର୍ଦ୍ଧିତ
- କାଳିଆ ଯୋଜନା, ଚାଷୀକାର୍ଡ ଓ ଭତ୍ତା ପ୍ରସଙ୍ଗ ନେଇ ଚର୍ଚ୍ଚା


ଖଇରା ପଞ୍ଚାୟତ ସମିତିର ୬ଷ୍ଠ ଅଧିବେଶନରେ ମଞ୍ଚାସୀନ ନେତୃବୃନ୍ଦ।

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତିର ୬ଷ୍ଠ ଅଧିବେଶନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମେତ କୃଷି, ପାନୀୟଜଳ,ଏମଜିଏନଆରଇଜିଏସ, ୪ର୍ଥ ରାଜ୍ୟ ଅର୍ଥ କମିଶନଙ୍କ ଅର୍ଥ ଆବଣ୍ଟନ, ମହିଳା ଶିଶୁ ସୁରକ୍ଷା ପ୍ରସଙ୍ଗ ସମେତ ବିଭିନ୍ନ ଯୋଜନା ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ଏମପି ମଞ୍ଜୁଲତା ମଣ୍ଡଳ ଏବଂ ୩୭ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ।

ପଞ୍ଚାୟତ ସମିତିର ଅଧ୍ୟକ୍ଷା ଅଭିଲିପ୍ସା ସାହୁ ସଭାରେ ପୌରୋହିତ୍ୟ କିରଥିଲେ। ସାଧାରଣ ନିର୍ବାଚନ ପରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ନିର୍ବାଚିତ ବିଧାୟକ ଜ୍ୟୋତି ପ୍ରକାଶ ମନ୍ତ୍ରୀ ହୋଇଥିବା ଏବଂ ଭଦ୍ରକ ଏମପିଙ୍କର ଏହା ପ୍ରଥମ ବୈଠକ ହୋଇଥିବାରୁ ପ୍ରଥମେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଖୁବ୍‌ଶୀଘ୍ର ପତିରାଜପୁର ଦୋଳମେଳନ କ୍ଷେତ୍ର ଓ ମାଖନପୁରର ବକ୍ରେଶ୍ୱର ଶୈବ ପୀଠକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କରାଯିବ ବୋଲି ସୂଚନା ଦେଇଥିଲେ। ଦଳମତ ନିର୍ବିଶେଷରେ ସମସ୍ତେ କରତାଳି ଦେଇ ଏହାକୁ ସ୍ୱାଗତ କରିଥିଲେ। ସେହିଭଳି କୁପାରୀ ଓ ଡୁଡିଗଡିଆ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବ ବୋଲି ସେ କହିଥିଲେ। ପରେ ପଞ୍ଚାୟତ ଅଧିକାରୀ ମାୟାଧର ମଲ୍ଲିକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସହକାରୀ କୃଷି ଅଧିକାରୀ ବାସୁଦେବ ଶତପଥୀ ଚଳିତ ବର୍ଷ ସାରକୋଣା ପଞ୍ଚାୟତରେ ଧାଡିରୁଆ ଚାଷ ହୋଇଥିବା ନେଇ ସୂଚନା ଦେଇଥିଲେ। କାଳିଆ ଯୋଜନା ପ୍ରସଙ୍ଗରେ ଅନେକ ଯୋଗ୍ୟ ହିତାଧିକାରୀ ବାଦ ପଡିଥିବା ଏବଂ ଅଯୋଗ୍ୟ ହିତାଧିକାରୀ ଅର୍ଥ ହାତେଇଥିବା ନେଇ ରପେୟା ସରପଞ୍ଚ ଅଜୟ ସାମଲ, ଝିଙ୍କିରିଆ ସମିତି ସଭ୍ୟ କୈଳାସ ମାଝି ଅଭିଯୋଗ କରିଥିଲେ। ୨୦୧୭ରେ ଚକଡା ପୋକ ଲାଗି ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଭୋଗୁପୁର ପାଇକାଳପୁର ଚାଷୀଙ୍କୁ କାହିଁକି କ୍ଷତିପୂରଣ ମିଳିପାରିନାହିଁ ସେ ସମ୍ପର୍କରେ ମାଝି ଜାଣିବାକୁ ଚାହିଁଥିଲେ। ଏହି ଅବସରରେ ଚାଷୀକାର୍ଡ ଲାଗି ଆବେଦନ କରିବା ସକାଶେ ଚାଷୀମାନେ ସିଧାସଳଖ କୃଷି ସୂଚନା ପରାମର୍ଶ କେନ୍ଦ୍ରକୁ ଆସିବାକୁ ଅଧିକାରୀ ଶତପଥୀ ପରାମର୍ଶ ଦେଇଥିଲେ। ଉଦ୍ୟାନକୃଷି ଆଲୋଚନାରେ ଝିଙ୍କିରିଆ ସରପଞ୍ଚ ମଧୁସୂଦନ ମାଝି ଅଂଶଗ୍ରହଣ କରି କେତେକ ନିର୍ଦ୍ଦିଷ୍ଟ ଚାଷୀଙ୍କୁ ପ୍ରତିବର୍ଷ ତାଲିମ ପାଇଁ ବାହାରକୁ ପଠାଯାଉଥିବା ଅଭିଯୋଗ କରିଥିଲେ। ସେହିପରି ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ଲାଗି ଶ୍ୟାମସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ସୁଶାନ୍ତ ମହାକୁଡ, ନୟାଖଣ୍ଡି ସମିତି ସଭ୍ୟ ମାନସ ମହାପାତ୍ର,ସାରତାଙ୍ଗ ସମିତି ସଭ୍ୟ ଦିଲୀପ ବେହେରା, ହରିପୁର ସମିତି ସଭ୍ୟା ଚମ୍ପାବତୀ ପଣ୍ଡା, ସରପଞ୍ଚ ସୁଲୋଚନା ରାଉତରାୟ ପ୍ରମୁଖ ଦାବି କରିଥିଲେ। ପଞ୍ଚାୟତସ୍ତରୀୟ ମହିଳା ମହାସଂଘରେ ସଭାପତି, ସମ୍ପାଦକମାନେ ୨ବର୍ଷକୁ ଥରେ ବଦଳିବାର ନିର୍ଦ୍ଦେଶନାମା ଥିବା ବେଳେ ୭ଟି ପଞ୍ଚାୟତ ସ୍ତରୀୟ ସଂଘ ଓ ଖଇରା ବ୍ଲକସ୍ତରୀୟ ସଂଘର କର୍ମକର୍ତ୍ତାମାନେ ୬ବର୍ଷରୁ ଊର୍ଦ୍ଧ୍ୱ ପଦପଦବୀରେ ରହିଥିବା ବହୁ ସଭ୍ୟ ଅଭିଯୋଗ କରିଥିଲେ। ଓଡିଶା ଜୀବିକା ମିଶନର ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ସ୍ୱପ୍ନା ଦାସ ୩ମାସ ମଧ୍ୟରେ ସରକାରଙ୍କ ଗାଇଡଲାଇନକୁ ଭିତ୍ତିକରି ପ୍ରକ୍ରିୟା ଶେଷ ହେବ ବୋଲି କହିଥିଲେ। ବୈଠକରେ ୬ନଂ ଜିଲାପରିଷଦ ଜୋନ ବ୍ୟତୀତ ଅନ୍ୟ ୩ଜିଲା ପରିଷଦ ଜୋନର ସଦସ୍ୟା,ତହସିଲଦାର ପ୍ରଦୀପ ସାହୁ, ଅତିରିକ୍ତ ତହସିଲଦାର ବିଭାସ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ସହକାରୀ ଯନ୍ତ୍ରୀ ବିଜୟଲକ୍ଷ୍ମୀ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଜୟନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦଳୀୟ ଗୋଷ୍ଠୀ ବିବାଦର ପ୍ରଭାବ ବୈଠକରେ ପଡିବ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିବ ବେଳେ ଆଲୋଚନା ଶାନ୍ତିଶୃଙ୍ଖଳାରେ ସରିଥିଲା।

### ଜଳଯୋଗାଣ କର୍ମଚାରୀଙ୍କ ଆନ୍ଦୋଳନ ନିଷ୍ପତ୍ତି

**ବାଲେଶ୍ୱର ଅଫିସ,୨୮।୮**

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ବାଲେଶ୍ୱର ଶାଖା ତରଫରୁ ଏଡ଼ିଏମ୍ ଛକ ସ୍ଥିତ ସ୍ଥାୟୀ କାର୍ଯ୍ୟାଳୟରେ ସଦସ୍ୟମାନଙ୍କର ବିଭିନ୍ନ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ହୃଷିକେଶ ସେଠି ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି ଯୋଗଦେଇ ଅସ୍ଥାୟୀ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, ୱାର୍କଚାର୍ଜ କର୍ମଚାରୀଙ୍କୁ ରେଗୁଲାର କର୍ମଚାରୀ ମାନ୍ୟତା, ଏସ୍‌ଇଏମ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ସହ ବ୍ଲକ ମାଧ୍ୟମରେ ବେତନ ପ୍ରଦାନ କରାଯିବା, ଗ୍ରୁପ୍ 'ସି' ଓ 'ଡ଼ି' କର୍ମଚାରୀଙ୍କ କ୍ୟାଡ଼ର ରୁଲ ସଂଶୋଧନ କରିବା, ଅସ୍ଥାୟୀ କର୍ମଚାରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ନେଇ ଆଲୋଚନା କରିଥିଲେ। ଆଗାମୀ ୨୫ ତାରିଖ ଭୁବନେଶ୍ୱରରେ ଗଣଧାରଣା ଓ ଅକ୍ଟୋବର ୨୩ ତାରିଖରେ ନବୀନ ନିବାସ ଘେରାଉ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜିଲା ସମ୍ପାଦକ କୁନା ନାୟକ, ସହସମ୍ପାଦକ ପ୍ରମୋଦ କୁମାର ମହାପାତ୍ର, ଶ୍ୟାମସୁନ୍ଦର ବାହାଦୁରଙ୍କ ସମେତ ଜଳଯୋଗାଣ ବିଭାଗର ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

# ଆବାସ ଯୋଜନାରେ ଅନିୟମିତତା ନେଇ ଉତ୍ତେଜନା

**ରୂପସା,୨୮।୮(ଡି.ଏନ.ଏ.)**


ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେଇ ପାତରଅନ୍ତର ନୀତି ପୋଷଣ କରାଯାଉଥିବାରୁ ଏ ନେଇ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମର ମହିଳା, ପୁରୁଷ ଏକଜୁଟ୍ ହୋଇ ଉକ୍ତ ଯୋଜନାରେ ଆଶାୟୀ ହିତାଧିକାରୀଙ୍କୁ ଟଙ୍କା ମଗାଯାଉଥିବା ସେମାନେ ଅଭିଯୋଗ କରି ଏ ସମ୍ପର୍କରେ ଜିଲାପାଳ ଏବଂ ବିଡିଓଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଆହେବସନ ଅଲି, ସେକ୍ ଶାହାରୁଖ, ସେକ୍ ଆବାସ, ସେକ୍ ଫକୀର ଓ ସେକ୍ ଆବାସ ଅଲି ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାରପୁରର ୧ନଂ, ୨ନଂ ୱାର୍ଡ ଓ ରାମଚନ୍ଦ୍ରପୁରର ୩ନଂ ୱାର୍ଡରେ ଏହି ଯୋଜନା ପାଇଁ କ୍ରମିକ ତାଲିକାରେ ଥିବା କେତେକ ହିତାଧିକାରୀଙ୍କୁ ବାଦ୍ ଦେଇ ଅନ୍ୟ ହିତାଧିକାରୀଙ୍କ ଠାରୁ ଅର୍ଥ ନେଇ ଗୃହ ଯୋଗାଇ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଯେଉଁମାନେ ଧାର୍ଯ୍ୟ ସମୟରେ ଗୃହନିର୍ମାଣ କରି ସରକାରଙ୍କ ଠାରୁ ପ୍ରୋତ୍ସାହନ ରାଶି ଓ ଏମ୍‌ଜିଏନଆରଇଜିଏସ୍‌ରେ ଅର୍ଥ ପାଇବା କଥା ସେମାନଙ୍କୁ ମଧ୍ୟ ହଇରାଣ ହରକତ କରାଯାଉଛି। ବର୍ତ୍ତମାନ ନୂତନ ସର୍ଭେ ପାଇଁ ନିଯୁକ୍ତି ହୋଇଥିବା ଅଧିକାରୀ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ କରୁ ନ ଥିବା ୩ଟି ୱାର୍ଡର ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ପରି କି କୋଠାଘର ଥିବା ବ୍ୟକ୍ତିଙ୍କୁ ଆବାସଗୃହ ଦିଆଯାଉଥିବା ବେଳେ ଉପଯୁକ୍ତ ହିତାଧିକାରୀଙ୍କୁ ଉପେକ୍ଷା କରାଯାଉଛି। ଏ ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ଜିଲାପାଳ, ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ ବୋଲି ଗ୍ରାମର ସାହେରା ବିବି, ସେକ୍ ଗଫାର, ସେକ୍ ରମଜାନ, ତାରା ବେସା, ସେକ୍ ଆହେସାନ, ସାଜେଦା ବେୱା, ସେକ୍ ଅଲ୍ଲିମୁଦ୍ଦିନ, ସେକ୍ କଲିମୁଦ୍ଦିନ, ସେକ୍ ରାମଦାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସିଆରପି ରଶ୍ମିତା ମିସ୍ତ୍ରିଙ୍କୁ ପଚାରିବାରୁ ସେ କହିଛନ୍ତି, ନୂତନ ତାଲିକା ପ୍ରସ୍ତୁତି ଲାଗି କୌଣସି ଜନପ୍ରତିନିଧି କିମ୍ବା ଗ୍ରାମବାସୀଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ନିରପେକ୍ଷ ଭାବେ ସର୍ଭେ କରାଯାଉଛି। ପଞ୍ଚାୟତ ଭିଏଲଡବ୍ଲ୍ୟୁ ରାଧାକାନ୍ତ ନନ୍ଦ ସରକାରୀ ନିୟମ ଅନୁଯାୟୀ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ପ୍ରକାଶ କରି ହିତାଧିକାରୀଙ୍କୁ ଅର୍ଥ ମଗାଯିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।



ଜାନୁଗଞ୍ଜ ସ୍ଥିତ ନେସ୍କୋ ମୁଖ୍ୟ କାର୍ଯ୍ୟାଳୟ ଆଗରେ ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ।

### ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ, ଚେତାବନୀ

**ବାଲେଶ୍ୱର ଅଫିସ,୨୮।୮**

ବାଲେଶ୍ୱର ନେସ୍କୋ କର୍ମଚାରୀଙ୍କ ପକ୍ଷରୁ ଗଠନ ହୋଇଥିବା ଏକତା ମଞ୍ଚ ପକ୍ଷରୁ ୭ଦଫା ଦାବି ନେଇ ବୁଧବାର ଜାନୁଗଞ୍ଜ ସ୍ଥିତ ନେସ୍କୋ ମୁଖ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଞ୍ଚର ଦାବି ପ୍ରତି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବା କାରଣରୁ ନେସ୍କୋ କୋଅର୍ଡିନେଶନ୍ କମିଟିର ଶତାଧିକ କର୍ମଚାରୀ ଏକାଠି ହୋଇ ପ୍ରତିବାଦ ଜଣାଇଥିଲେ। ସଂଗଠନର ସଭାପତି ଜଗଦୀଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନରେ ରାଜ୍ୟ ତଥା ଜିଲା ନେତୃବୃନ୍ଦ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ନେସ୍କୋର ବହୁ କୁଶଳୀ ଏବଂ ଅର୍ଦ୍ଧକୁଶଳୀ ପଦବୀ ଖାଲି ପଡ଼ିଥିବାବେଳେ ଦୀର୍ଘଦିନ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଥିବା କର୍ମଚାରୀଙ୍କୁ ସ୍ଥାୟୀ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ସମ୍ପର୍କରେ ପୂର୍ବତନ ଶକ୍ତିମନ୍ତ୍ରୀ ଓ ସଚିବଙ୍କ ସହିତ ପୂର୍ବରୁ ଆଲୋଚନା କରାଯାଇଥିଲେ ମଧ୍ୟ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଉଦ୍‌ବେଗର ବିଷୟ ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ତଥା ସଂଘର ସାଧାରଣ ସମ୍ପାଦକ ଆଶୁତୋଷ ପଣ୍ଡା କହିଥିଲେ। ନେସ୍କୋର କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ପରେ ସେମାନଙ୍କ ଉତ୍ତରାଧିକାରୀଙ୍କୁ ଚାକିରିରେ ଥଇଥାନ କରାଯାଉ ନାହିଁ। ସେହିପରି ଆଉଟସୋର୍ସ କର୍ମଚାରୀମାନଙ୍କୁ ମେଡ଼ିକାଲ ଭତ୍ତା ଲାଗୁ ନ ହେବା ନେଇ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ଚନ୍ଦ୍ର ସାମଲ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। ବରିଷ୍ଠ ଶ୍ରମିକ ଆଶିଷ କୁମାର ଜେନା କହିଥିଲେ, ଗତ ତା୧।୪।୨୦୧୫ରିଖ ଠାରୁ ନୂତନ ଦରମା ନିର୍ଦ୍ଧାରଣ ହୋଇଥିବା ବେଳେ ଏଯାଏ ବକେୟା ପାଉଣା ଶତପ୍ରତିଶତ ଦିଆଯାଇ ନାହିଁ। ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା, ବାକି ଥିବା ଅନୁଦାନ ପ୍ରଦାନ କରିବା ଦିଗରେ ଆସନ୍ତା ନଭେମ୍ବର ୨୫ ସୁଦ୍ଧା ପଦକ୍ଷେପ ନିଆ ନ ଗଲେ ସମସ୍ତ କର୍ମଚାରୀ, ଶ୍ରମିକ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ସଂଘର ଜିଲା ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ, ଉପସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳ, ମୁକ୍ତିକାନ୍ତ ପଣ୍ଡା, ସୁରେନ୍ଦ୍ର ମୋହନ ପାଣିଗ୍ରାହୀପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ବାଲେଶ୍ୱର ଜିଲାସ୍ତରୀୟ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

### ଆର୍‌ଏନ୍ ହାଇସ୍କୁଲ ଓ ବଣଭୂଇଁ ଉଚ୍ଚ ବିଦ୍ୟାଳୟ ବିଜୟୀ

**ବାଲେଶ୍ୱର ଅଫିସ,୨୮।୮**

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ଚତୁର୍ଥ ସୁପରଲିଗ୍ ଖେଳ ମାର୍କୋଣା ଆର୍‌ଏନ୍ ହାଇସ୍କୁଲ ଓ ବାଲେଶ୍ୱର ମ୍ୟୁନିସିପାଲ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଆର୍‌ଏନ୍ ହାଇସ୍କୁଲ ମ୍ୟୁନିସିପାଲ ହାଇସ୍କୁଲକୁ ୪-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ଖେଳକୁ ଅଶୋକ କର, ଅଶୋକ କୁମାର ମାନ୍ନା, ସେକ ଅବଦୁଲ ମଜିଦ, କାର୍ତ୍ତିକ ଚନ୍ଦ ନାୟକ ପରିଚାଳନା କରିଥିଲେ। ସେହିପରି ପଞ୍ଚମ ସୁପରଲିଗ୍ ଖେଳ ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆର୍‌ଏନ୍ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ୨-୦ ଗୋଲରେ ଆର୍‌ଏନ୍ ହାଇସ୍କୁଲକୁ ହରାଇ ବିଜୟୀ ହୋଇଥିଲା। ଏହି ଖେଳକୁ ସଲୀଲ କୁମାର ସିଂ, ସୁରଜିତ ମହାପାତ୍ର, ଏସ୍. ଫିରଦୋସ, ପ୍ରଦୀପ କୁମାର ଦାସ ପରିଚାଳନା କରିଥିଲେ। ନିମାଇଁ ଚରଣ ରାଉତରାୟ, ବିରେନ୍ଦ୍ର ସ୍ୱାଇଁ, ଜଗଦୀଶ ବେହେରା, ଜନ୍ମଜୟ ଦେ, ସାଦିକ୍ ଅଲ୍ଲୀ ଖାଁ, ଗୋପାଳ ସେଠି, ପ୍ରଦୀପ ଦାସ ପ୍ରମୁଖ ଜିଲା କ୍ରୀଡ଼ା ସଂଘର ସଭ୍ୟାଧ ଓ ବିଭିନ୍ନ ସ୍କୁଲର କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପାସା, ଦେବାଶିଷ ଘୋଷ, ସୁଦାମ ବୁରୁଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ।

### ବଜ୍ରପାତରେ ମୃତ୍ୟୁ ଅଭିଯୋଗ

**ସଜନାଗଡ଼,୨୮।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଶିଆଡ଼ିମାଳ ଗ୍ରାମର ଲକ୍ଷ୍ମୀଧର ବେହେରା (୩୦)ଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେ ପ୍ରତିଦିନ ଭଳି ବୁଧବାର କାମ କରିବା ପାଇଁ ନୀଳଗିରି ଆସି ଏକ ଆଲୁମିନିୟମ୍ ଫାଟକ ଲଗାଉଥିଲେ। ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ସ୍ଥାନୀୟ ଲୋକେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଡାକ୍ତରଖାନା ଓ ପୋଲିସଠାରୁ ଅଧିକ ସୂଚନା ମିଳିନାହିଁ।

# ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ, ଜୟନ୍ତୀ ସମାରୋହ

**ଭୋଗରାଇ,୨୮।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଧା ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବୁଧବାର ଜନସେବକ ଅନନ୍ତ ଦାସଙ୍କ ୭୯ତମ ଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରୀୟ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଥମିକ ସ୍ତରରେ ୨୪ ଓ ଉଚ୍ଚବିଦ୍ୟାଳୟରେ ୨୬ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସଚେତନ ନାଗରିକ ମଞ୍ଚ ଓ ଅନନ୍ତ ଦାସଙ୍କ ଜୟନ୍ତୀ କମିଟି ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜୟନ୍ତୀ ସଭାରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ପୌରୋହିତ୍ୟ କରିଥିଲେ। ଜିଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରମାକାନ୍ତ ବେହେରା ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ବିଜୟ କୁମାର ମିଶ୍ର, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ବିଶିଷ୍ଟ ସାହିତ୍ୟିକ କାଳିପଦ ପଣ୍ଡା, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବିଜେଡି ସଭାପତି ରମାକାନ୍ତ କରଣ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହରିଶଙ୍କର ଦାସ, ହାଇସ୍କୁଲର ନୋଡ଼ାଲ ଅଫିସର ରାଜେନ୍ଦୁ ବିକାଶ ପାତ୍ର, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗୌରୀବାଳା ପାଳ, ସୁବ୍ରତ ଘରାଇ ପ୍ରମୁଖ , ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ସେ ଭୋଗରାଇବାସୀଙ୍କ ସାଥୀରେ ସର୍ବଦା ଅଛନ୍ତି ଓ ରହିବେ ବୋଲି କହିଥିଲେ। ଭୋଗରାଇର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସେ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଜୟନ୍ତୀ ସମାରୋହ ଓ ବିଜ୍ଞାନ ପ୍ରଦର୍ଶନୀ ସଭାରେ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ସଂସ୍ଥା ପକ୍ଷରୁ ସାହିତ୍ୟିକ ଡ. ରମାକାନ୍ତ ବେହେରାଙ୍କ ରଚିତ "ମୋ ଜନ୍ମ ମାଟି- ମୋ ଗୌରବ" ପୁସ୍ତକକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଏହି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତ ଯୋଗଦେଇ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ନିରାମୟ ଜୀବନ କାମନା କରିଥିଲେ।



ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜୟନ୍ତୀ ସଭାରେ 'ମୋ ଜନ୍ମ ମାଟି- ମୋ ଗୌରବ' ପୁସ୍ତକ ଉନ୍ମୋଚନ କରାଯାଉଛି।

# ରାଜସ୍ୱ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ

**ବାଲେଶ୍ୱର ଅଫିସ,୨୮।୮**

- ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ଏବଂ ସମୀକ୍ଷା
- ଜିଏସ୍‌ଟି ସମ୍ପର୍କରେ ଡର ଓ ଭ୍ରାନ୍ତ ଧାରଣା ଦୂର କରିବାକୁ ପରାମର୍ଶ


ବୈଠକରେ ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ସମୀକ୍ଷା କରୁଛନ୍ତି।

ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ବାଲେଶ୍ୱର ଗସ୍ତରେ ଆସିବା ଅବସରରେ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଯୋଗଦେଇ ଉପସ୍ଥିତ ଅଧିକାରୀମାନଙ୍କ ସହ ବିଭାଗୀୟ କାର୍ଯ୍ୟକ୍ରମ ଏବଂ ରାଜସ୍ୱ ଆଦାୟ ସମ୍ପର୍କରେ ଆଲୋଚନା କରିଥିଲେ। ରାଜସ୍ୱ ଆଦାୟ ଲକ୍ଷ୍ୟ ହାସଲ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହ ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ ହାସଲରେ ବାଧା ସୃଷ୍ଟି କରୁଥିବା ଆନ୍ତଃ ଜିଲା ଓ ଆନ୍ତଃ ରାଜ୍ୟ ଚୋରା ମଦ ଚାଲାଣକୁ ରୋକିବା ଦିଗରେ ଜିଲା ଓ ରାଜ୍ୟ ସୀମାରେ ଅତର୍କିତ ଚଢ଼ାଉ କରିବା ଲାଗି ସେ ଅବକାରୀ ବିଭାଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅବକାରୀ ବିଭାଗ ଅଧୀକ୍ଷକ ରାଜେନ୍ଦ୍ର କୁମାର ଭୋତ୍ରା ଅବକାରୀ ଧରପଗଡ଼, ଜବତ ହୋଇଥିବା ସାମଗ୍ରୀ, ମଦ ଦୋକାନଗୁଡ଼ିକର ସ୍ଥିତି, ପଞ୍ଜୀକୃତ ମାମଲା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଏସ୍‌ଟି କର ଆଦାୟ, ରିଟର୍ନ ଫାଇଲ, ରଦ୍ଦ ହୋଇଥିବା ଜିଏସ୍‌ଟି ଲାଇସେନ୍ସ ସଂଖ୍ୟା, ଜିଏସ୍‌ଟି ଡିଲର ଇତ୍ୟାଦି ସମ୍ପର୍କରେ ବିଭାଗୀୟ ଯୁଗ୍ମ ସଚିବ ଗୃହକୁ ଅବଗତ କରାଇଥିଲେ। ଛୋଟ ବ୍ୟବସାୟୀଙ୍କ ମନରେ ଜିଏସ୍‌ଟି ସମ୍ପର୍କରେ ରହିଥିବା ଡର ଓ ଭ୍ରାନ୍ତ ଧାରଣା ଦୂର କରିବା ଲାଗି ଅଧିକାରୀମାନେ ପ୍ରୟାସ କରିବା ଆବଶ୍ୟକ। ଏଥିସହିତ ଅଧିକରୁ ଅଧିକ ବ୍ୟବସାୟୀ ଯେଭଳି ସ୍ୱେଚ୍ଛାକୃତ ଭାବେ ଜିଏସ୍‌ଟି କରଦାତା ଭାବେ ପଞ୍ଜୀକୃତ ହେବା ପାଇଁ ଆଗଭର ହେବେ ସେ ଦିଗରେ ପଦକ୍ଷେପ ଗ୍ରହଣ ନିମନ୍ତେ ବୈଠକରେ ମତପ୍ରକାଶ ପାଇଥିଲା। ଜନସାଧାରଣ ଓ ବ୍ୟବସାୟୀଙ୍କ ସହ ସୁସମ୍ପର୍କ ସ୍ଥାପନ ପୂର୍ବକ ସେମାନଙ୍କୁ ରିଟର୍ନ ଫାଇଲରେ ସହଯୋଗ ପ୍ରଦାନ କରିବା ଲାଗି ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ପ୍ରାରମ୍ଭରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବୈଠକରେ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅବକାରୀ ବିଭାଗ କମିଶନର ଅଞ୍ଜନ କୁମାର ମାଣିକ, ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ଅର୍ଥ ବିଭାଗ ଅତିରିକ୍ତ ସଚିବ ଏନ୍. କେ. ରାଉତରାଏ, ଅବକାରୀ ବିଭାଗ ସହକାରୀ କମିଶନର ରାମଚନ୍ଦ୍ର ପଳତା ପ୍ରମୁଖ ମଞ୍ଚାସୀନ ଥିବାବେଳେ ଅବକାରୀ ବିଭାଗ ଅଧୀକ୍ଷକ ରାଜେନ୍ଦ୍ର କୁମାର ଭୋତ୍ରା ଅବକାରୀ ଧରପଗଡ଼, ଜବତ ହୋଇଥିବା ସାମଗ୍ରୀ, ମଦ ଦୋକାନଗୁଡ଼ିକର ସ୍ଥିତି, ପଞ୍ଜୀକୃତ ମାମଲା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ମଦମୃତ୍ୟୁ ଭଳି ଘଟଣାକୁ ଏଡ଼ାଇବା ଲାଗି ଆବଶ୍ୟକ ପଦକ୍ଷେପ ନେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରତି ବିକଳ୍ପ ନିଶାଦ୍ରବ୍ୟ ଭାବରେ କଫ୍ ସିରପର ବହୁଳ ବ୍ୟବହାର ହେଉଥିବାରୁ ଏହାର ବିକ୍ରି ଉପରେ କଡା ନଜର ରଖିବାକୁ ସେ ଜିଲା ମୁଖ୍ୟଚିକିତ୍ସାଧିକାରୀ ଏବଂ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନକଲି ଓ ବିଷାକ୍ତ ମଦ ଯୋଗୁ କୌଣସି ସ୍ଥାନରେ କିଛି ଅଘଟଣ ଘଟିଲେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାଇ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ସମିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଓଡ଼ିଆ ବିଭାଗ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଙ୍ଗିରିପୋଷି,୨୮।୮(ଡି.ଏନ୍.ଏ.)- ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ପ୍ରଥମ ବର୍ଷ ଛାତ୍ରୀଛାତ୍ର ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଉତ୍ସବରେ ଅନୁଷ୍ଠିତ ହୋଇଯାଇଛି । ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷା ଡ.ପୁଷ୍ପାରାଣି ପାତ୍ର, ମୁଖ୍ୟ ବକ୍ତା ଭାବରେ ଇତିହାସ ବିଭାଗର ମୁଖ୍ୟ ପବିତ୍ର ମୋହନ ଦାଶ,ସମ୍ମାନୀୟ ଅତିଥି ଭାବେ ବିଭାଗୀୟ ଅଧାପକ ମନୋଜ କୁମାର ପ୍ରଧାନ,ଅତିଥି ଅଧାପିକା ରୂପଶ୍ରୀ ଦାସ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଜାରି କରିବା ପାଇଁ ଉପଦେଶ ଦେଇଥିଲେ । ଅଧାପକ ମନୋଜ କୁମାର ଦାସ ଅତିଥି ପରିଚୟ ରଖିଥିବା ବେଳେ ଅତିଥି ଅଧାପିକା ରୂପଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ । ପୁରାତନ ଛାତ୍ରୀଛାତ୍ର ମାନେ ନିଜ ନିଜର ଅନୁଭୂତି ବାଢିବା ସଙ୍ଗେ ସଙ୍ଗେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଗୋଲାପ ଫୁଲ ଓ ଉପହାର ଦେଇ ବିଭାଗକୁ ସ୍ୱାଗତ କରିଥିଲେ । ସଭା ପରିଚାଳନାରେ ତୃତୀୟ ବର୍ଷ ଛାତ୍ରୀ ଅର୍ଚ୍ଚନା ସାହୁ, ବିଦୁରିତା ମିଶ୍ର, ସିଙ୍ଗ ମାର୍ଣ୍ଡୀ, ରଶ୍ମିତା ପାତ୍ର, ତାପସ ଗିରି,ବିମଳ ନାଏକ, ନାରାୟଣ ଚାପିଆର, ଟିସୁ ହାଁସଦାଃ ପ୍ରମୁଖ ସାହାର୍ଯ୍ୟ କରିଥିଲେ । ଶେହରେ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ପ୍ରସନ୍ନ କୁମାର ଦାଶଙ୍କ ଜୟନ୍ତୀ

**ବଡ଼ସାହି,୨୮।୮(ସ୍ୱ.ପ୍ର)**-ଯଶୋଦା ସାହିତ୍ୟ ସଂସଦ ପକ୍ଷରୁ ମୟୂରଭଞ୍ଜ ଜିଲାର ଅନ୍ୟତମ ରାଜନେତା ତଥା ପୂର୍ବତନ ବାଚସ୍ପତି ସ୍ୱର୍ଗତ ପ୍ରସନ୍ନ କୁମାର ଦାଶଙ୍କ ଜନ୍ମ ଶତବାର୍ଷିକୀ ବଳଭଦ୍ରପୁର ଗ୍ରାମରେ ପାଳିତ ହୋଇଯାଇଛି। ଯୁବ ସାହିତ୍ୟିକ ଡ଼. ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ଆଚାର୍ଯ୍ୟ, ମନ୍ଦାକିନୀ ଆଚାର୍ଯ୍ୟ ଓ ଜ୍ୟୋସ୍ନା ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଲୀନା ଆଚାର୍ଯ୍ୟ ସ୍ୱାଗତଭାଷଣ ଦେଇଥିବା ବେଳେ ଶୁଭସ୍ମିତା ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କପ୍ତିପଦା,୨୮।୮(ଡ଼ି.ଏନ୍.ଏ.)**- କପ୍ତିପଦା ବ୍ଲକ୍ ଅନ୍ତର୍ଗତ କଳଗଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଇଓ ଜଗନମୋହନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି କପ୍ତିପଦା ମଣ୍ଡଳ ଶିକ୍ଷାଧିକାରୀ ଶଶୀଧର ସିଂ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କପ୍ତିପଦା ସରକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ, ସମ୍ମାନିତ ଅତିଥି ତଥା ସମ୍ବର୍ଦ୍ଧିତ ପ୍ରତିଭା ଭାବରେ ଅବସରଗ୍ରହଣ କରିଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରସନ୍ନଚନ୍ଦ୍ରପୁରର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ସାହୁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲାବଣ୍ୟଦେଇପୁରର ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ତରେଇ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ମାଟିଆଟୁଆର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ସେନାପତି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭଣ୍ଡାରର ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା ସେଠୀ ଉପସ୍ଥିତ ରହି ନିଜନିଜର ଶିକ୍ଷକତା ଜୀବନର ଅନୁଭୂତି ବଖାଣିଥିଲେ। ଶିକ୍ଷକ ସଂଗଠନର ଉପସଭାପତି କୃପାସିନ୍ଧୁ ବେହେରା, ଶିକ୍ଷକ ଭରତ ଚନ୍ଦ୍ର ଦାସ, ତୁରାମ ସିଂ, ସିଆର୍‌ସିସି ସଂଜୀବ ସାହୁ, ଶିକ୍ଷକ ସନ୍ତୋଷ ବେହେରା ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ସଂପର୍କରେ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ସାହୁ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ସମସ୍ତ ବିଦାୟୀ ଶିକ୍ଷକଙ୍କୁ ଉତରୀୟ, ଗୀତା, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ପୁରୁଷୋତମ ବେହେରା, ଉତ୍କଳ ମହାନ୍ତ, ପ୍ରମୋଦ ମହାନ୍ତି, କରୁଣାକର ମଣ୍ଡଳ, ବେଣୁଧର ଦାସ, ଅଜୟ ବେହେରା, ନିଶୀଥ ସାହୁ ତଥା ଶରତ ସର୍କଲର ୯ଗୋଟି ପଂଚାୟତର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଏବଂ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

■ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଅଧିକାରୀ ପଦବୀ ଖାଲି

# ଦାବିପତ୍ର ଦେଲା ଭଞ୍ଜସେନା

ବାରିପଦା ଅଫିସ,୨୮।୮

କୌଣସି ସହରକୁ ଯୋଜନା ଅନୁସାରେ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଗଠନ କରିଥିବା ବେଳେ ଏହା ସହିତ ସହର ଯୋଜନା କାର୍ଯ୍ୟାଳୟଗୁଡିକ ପରିଚାଳିତ ହେଉଛି। ସେହିପରି ସମଗ୍ର ରାଜ୍ୟରେ ବାରିପଦା ସହର ସର୍ବପୁରାତନ ସହର ଭାବେ ବିବେଚିତ ହେଉଥିବା ବେଳେ ବିକାଶ ମୁଖୀ ସହର ଭାବେ ବିବେଚନା କରାଯାଉଛି। ପୂର୍ବାପେକ୍ଷା ଏବେ ଛୋଟ ବଡ ବ୍ୟବସାୟ ପ୍ରତିଷ୍ଠାନ ଓ ଗୃହ ନିର୍ମାଣ କ୍ଷେତ୍ରରେ ସହର ବଢ଼ିଚାଲିଛି। ଏଣୁ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଏଠାରେ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଜମିର କିସମ ପରିବର୍ତ୍ତନ ଓ ଗୃହ ନିର୍ମାଣ ପାଇଁ ଆବଶ୍ୟକ ନକ୍ସାର ଅନୁମୋଦନ କାର୍ଯ୍ୟ ହୋଇଥାଏ। ହେଲେ ବାରିପଦା ମୁର୍ଗାବାଡି ଗୋଲେଇ ନିକଟସ୍ଥ ଏହି କାର୍ଯ୍ୟାଳୟରେ ଅଧିକାରୀ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର



ଭଞ୍ଜସେନା ସଭାପତି ପିଣ୍ଟୁ ମାଇତି ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗପତ୍ର ଦେଉଛନ୍ତି।

■ ମାସେ ହେଲା ଅଧିକାରୀ ନାହାନ୍ତି
■ ସରକାର ଗୁରୁତ୍ୱ ଦେଉନାହାନ୍ତି

ସମ୍ମୁଖୀନ ହେଉଛନ୍ତି। ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଅଧିକାରୀ ଭାବେ ଏଠାରେ କାର୍ଯ୍ୟ କରୁଥିବା ବିଜୟ କୁମାର ଭୂୟାଁ ଗତ ଜୁନ ୩୦ରେ ଅବସର ଗ୍ରହଣ କରିଥିଲେ। ସେବେଠାରୁ ଏହି ପଦବୀ ଖାଲି ପଡିଛି। ତେବେ ଏହି ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ଏଭଳି ଅଭିଯୋଗ କରିଛି ଜିଲାରେ ଅଣରାଜନୈତିକ ସଂଗଠନ ଭଞ୍ଜସେନା। ଜିଲା ସଭାପତି ପିଣ୍ଟୁ ମାଇତି ଓ ଅଧକ୍ଷ ସତ୍ୟ ସ୍ୱରୂପ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ରାଧାରଞ୍ଜନ ଦାସଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ଏହା ସହିତ ତୁରନ୍ତ ଏହି ପଦବୀ ପୂରଣ କରିବା ପାଇଁ ଦାବି କରିଛନ୍ତି। ଭଞ୍ଜସେନା ପକ୍ଷରୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ ଏହି ଅଭିଯୋଗ ଲିଖିତ ଭାବେ କରାଯାଇଛି। ପ୍ରକାଶଥାଉକି ଏନେଇ ଗତ ୨୩ ତାରିଖରେ କେବଳ ଧରିତ୍ରୀରେ ଏକ ତଥ୍ୟ ଓ ମତାମତଭିତ୍ତିକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଭଞ୍ଜସେନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ, ରାକେଶ ବେହେରା, ପ୍ରଶାନ୍ତ ମହାକୁଡ, ଜିତୁ ଶିବାନନ୍ଦ, ମିର ବାବର ଅଲୀ, ଦୀପକ ଓ, ବିଜୁ ସିଂ, ଜ୍ୟୋତି ରଞ୍ଜନ ପୃଷ୍ଟି, ଶେଖ ରାଜା ଖାନ, ସୌମ୍ୟରଞ୍ଜନ ବେହେରା, ଅମୂଲ୍ୟ ପ୍ରସାଦ ଦାସ, ଦେବାଶିଷ ଦାସ, ବଳରାମ ଦାସ, ଏସଡି ନାଜିର, ମନୋଜ କୁମାର ସାହୁ, ସୌମ୍ୟରଞ୍ଜନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାସ୍ତା ଅବସ୍ଥା ଶୋଚନୀୟ, ଜିଲାପାଳଙ୍କୁ ଦାବିପତ୍ର

କୁଆମରା,୨୮।୮(ଡି.ଏନ୍.ଏ.)

କୁଆମରା-ଉଦଳା ରାସ୍ତାର ଦାମାସାହି ଛକ ନିକଟରେ ସାଇଁକୁଳା ପଞ୍ଚପଲୀ ମହାବିଦ୍ୟାଳୟ ପର୍ଯ୍ୟନ୍ତ ପଞ୍ଚାୟତ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବା ଯୋଗୁଁ ଯାତାୟତରେ ଅସୁବିଧା ହେଉଛି। ବିଶେଷ କରି ବର୍ଷା ଦିନେ ପଥଚାରୀମାନେ ବହୁ ହଇରାଣ ହେଉଛନ୍ତି। ଅଧିକାଂଶ ସ୍ଥାନରେ ମେଟାଲ ବାହାରି ରାସ୍ତା ସାରା ବିଛାଡି ହୋଇ ପଡିଛି। ଦୀର୍ଘ ଦିନ ହେବ ଏହି ରାସ୍ତାଟି ମରାମତି ଅଭାବରୁ ଏପରି ଅବସ୍ଥାରେ ପଡ଼ିରହିଛି। ଏଥିନେଇ ଆରଡି ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏହା ୫ କି.ମିରୁ କମ ହୋଇଥିବାରୁ ଆରଡି ବିଭାଗ କାର୍ଯ୍ୟ କରିବାକୁ ମନା କରିଥିଲା। ଏହି ରାସ୍ତାରେ ବିଶେଷ କରି ସ୍କୁଲ, କଲେଜ ଛାତ୍ରୀଛାତ୍ର ଯାତାୟତ କରୁଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ରାସ୍ତାଟି ଉଦଳା, ବାଲେଶ୍ୱର, ବ୍ଲକ କାର୍ଯ୍ୟାଳୟ, ବାରିପଦାକୁ ସଂଯୋଗ କରୁଥିବାରୁ ତୁରନ୍ତ ରାସ୍ତା ମରାମତି



ରାସ୍ତାରେ ଖାଲ ସୃଷ୍ଟି ହୋଇ ପାଣି ଜମିଛି।

କରିବାକୁ ଦାବି କରାଯାଇଛି। ଏଥିନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ୪ ଶହ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଉଦଳାଠାରେ ଅନୁଷ୍ଠିତ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ବନୀତ ଭରଦ୍ୱାଜ ଗୋପବନ୍ଧୁ ନଗର ବ୍ଲକ ବିଡିଓ ମନୋଜ କୁମାର ବେହେରାଙ୍କୁ ଏ ନେଇ ତଦନ୍ତ କରିବା ସହ ତୁରନ୍ତ ରାସ୍ତା କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ସଫେଇ ସାଙ୍ଗକୁ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା

ବାଲିଆପାଳ,୨୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଘଣ୍ଟୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ରୋଗୀ କଲ୍ୟାଣ ସମିତି ପକ୍ଷରୁ ଘଣ୍ଟୁଆ ନୋଡାଲ ସହଯୋଗ ହାଇସ୍କୁଲ ପରିସରରେ ସ୍ୱଚ୍ଛଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାଶିଷ୍ଟ ରତୀନ୍ଦ୍ର ପରିଡାଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ସ୍ଥାନୀୟ ଲୋକେ ଏବଂ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର କ୍ୟାମ୍ପସ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଅଳିଆ ଆର୍ବଜନାକୁ ଉଠାଇ ଅନ୍ୟତ୍ର ଉଠାଇନେଇଥିଲେ । ଏହି ଅବସରରେ ସ୍କୁଲର ସିନିୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛ ପରିବେଶ ସୁସ୍ଥ ଜୀବନର ମାନଦଣ୍ଡ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଜୁନିୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆମେ ଗଢିବା ସ୍ୱଚ୍ଛଭାରତ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ବାଲିଆପାଳ ଆରକେଏସର ସଭାପତି ରବୀନ୍ଦ୍ର ଅଣ୍ଡିଆ ଅଧ୍ୟକ୍ଷତା କରି ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିନବନ୍ଧୁ ଦେ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ପରିଡା, ଆରକେଏସର ଭଜହରି ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସିନିୟର ବର୍ଗରେ ଶିବଶଙ୍କର ପ୍ରଧାନ ୧ମ,ଚିନ୍ମୟ କୁମାର ଦାସ ୨ୟ,କାଜଲ ବାରିକ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଜୁନିୟର ବର୍ଗରେ ଦୀପକଙ୍କର ଗିରି ୧ମ,ବିବେକ ବନ୍ଧନ ନାୟକ ୨ୟ ଓ ପ୍ରୀତିମୟୀ ନାୟକ ୩ୟ ସ୍ଥାନ ଅଧିକାର କରିଥିଲେ ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଗୁରୁ ଦିବସରେ ଧାରଣା ଦେବେ କନିଷ୍ଠ ଶିକ୍ଷକ

ଖୁଣ୍ଟା,୨୮।୮(ଡି.ଏନ୍.ଏ.)

ଖୁଣ୍ଟା ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ ଚେତାବନୀ ଦିଆଯାଇଛି। ବ୍ଲକ ଅଧୀନରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନେ ସହକାରୀ ଶିକ୍ଷକ ମାନ୍ୟତା ଦାବିରେ ଆସନ୍ତା ଗୁରୁ ଦିବସ ଦିନ ବିକ୍ଷୋଭ ପ୍ରର୍ଧାନ ସହ ଧାରଣା ଦେବେ ବୋଲି ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କନିଷ୍ଠ ଶିକ୍ଷକଙ୍କ ଦାବି ଅନୁଯାୟୀ, ସରକାରଙ୍କ ଶିକ୍ଷା ନୀତି ଅନୁଯାଇ କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିବା ଶିକ୍ଷକମାନେ ୬ ବର୍ଷ ପରେ ସହକାରୀ ଶିକ୍ଷକର ମାନ୍ୟତା ପାଇବେ ବୋଲି ନିୟମ ରହିଛି। ମାତ୍ର ୨୦୧୨ରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନେ ୨୦୧୮ ପର୍ଯ୍ୟନ୍ତ କାର୍ଯ୍ୟ କରି ୬ ବର୍ଷ ଅବଧି ପୂରଣ କରିସାରିଥିଲେ ମଧ ଏବଂ ଅଧିକ ଭାବେ ୧୦ ମାସ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ସରକାରଙ୍କ ପକ୍ଷରୁ ସମ୍ପୃକ୍ତ କନିଷ୍ଠ ଶିକ୍ଷକମାନଙ୍କୁ



ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ସହକାରୀ ଶିକ୍ଷକର ମାନ୍ୟତା ପ୍ରଦାନ କରିବାରେ ବୈମାତୃକ ମନୋଭାବ ପୋଷଣକୁ ନେଇ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟପକ୍ଷେ ସମାନ ସମୟରେ ଅନ୍ୟ ୧୧ ଟି ଜିଲାରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନେ ଇତି ମଧରେ ସହକାରୀ ଶିକ୍ଷକର ମାନ୍ୟତା ପାଇସାରିଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତା ୪ ତାରିଖ ସୁଦ୍ଧା ସେମାନଙ୍କର ଦାବି ଉପରେ ସରକାର ବିଚାର ନ କଲେ ୫ ତାରିଖ ଗୁରୁଦିବସ ଦିନ ଜିଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଜିଲା କନିଷ୍ଠ ଶିକ୍ଷକ ସଂଘ ଉପ ଉସଭାପତି ଲବଘନ ବେହେରା ଓ ଖୁଣ୍ଟା ବ୍ଲକ ସଂଘର ସଭାପତି ବିଜୟ କୁମାର ଦାସ ଏକ ପ୍ରେସ ବିବୃତି ରେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅରୁଣ ମହାନ୍ତଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଅସୁରକ୍ଷିତ ଘରେ ବଉଳା ସବ୍‌ପୋଷ୍ଟ ଅଫିସ

ବଉଳା,୨୮।୮(ଡି.ଏନ.ଏ.)

ହାଟଡିହୀ ବ୍ଲକ ବଉଳା ସବ୍‌ପୋଷ୍ଟ ଅଫିସ ଗୃହଟି ଅସୁରକ୍ଷିତ ଆଜବେଷ୍ଟ ଘରେ ଚାଲିଥିବାରୁ ଗ୍ରାହକଙ୍କ କାଗଜପତ୍ର ସୁରକ୍ଷିତ ରହିବାକୁ ନେଇ ପ୍ରଶ୍ନ ଉଠିଛି। ଏହି ସବ୍‌ପୋଷ୍ଟ ଅଫିସ ଉପରେ ରାଇଘାଟି, ସୋସୋ, ବିଦ୍ୟାଧରପୁର, ପଢ଼ିଆରୀପଲ୍ଲୀ, କାହାଳିଆଗଡ଼ିଆ, କାନପୁର, ବାରିଗାଁ, କାନପୁର ଆଦି ଗ୍ରାମର ପୋଷ୍ଟଅଫିସଗୁଡ଼ିକ ଏହି ଉପଡାକ କାର୍ଯ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ଏହି ଉପଡାକଘରଟି ଏକଭଙ୍ଗା ଆଜବେଷ୍ଟସ ଘରେ ଚାଲିଛି। ଯେଉଁଥିରେ ବର୍ଷା ହେଲେ ଚାରିପଡ଼େ ପାଣି ଗଳିବା ସହିତ କାଗଜପତ୍ରକୁ ରଖିବା ପାଇଁ ଏ ଖଟ ସେ ଟେବୁଲ ଉପରେ ରଖାଯାଇଥାଏ। ଘର ଭିତରଟି ଏଭଳି ହୋଇଛି ଯାହାକି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହିତ ବିଭିନ୍ନ ଜାତିର ସାପ ବାହାରୁଛନ୍ତି। ବିଦ୍ୟୁତ୍ ଗଲେ ଅନ୍ଧାର। ସରକାର ଡାକ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଯୋଜନାମାନ କରି ଆଧୁନିକୀକରଣ କରିବାକୁ ପ୍ରୟାସ କରାଯାଉଛି । ଯେଉଁଠି ଉପଡାକଘର ଗୁଡ଼ିକ ଏଭଳି ଅବସ୍ଥାର ରହିଛି। ସେଠାରେ ଡାକଘରଗୁଡ଼ିକ କିଭଳି ଢଙ୍ଗରେ ଚାଲୁଥିବ ଓ ଗ୍ରାହକମାନଙ୍କୁ ସେବା ଦେଉଥିବ ଏଥିରୁ ଅନୁମେୟ । ଉକ୍ତ ଆଜବେଷ୍ଟ ଘରଟି ବଉଳା ଫେଁକର କମ୍ପାନୀ ଯୋଗାଇଦେବା ସହିତ ତା'ର ମରାମତି କାର୍ଯ୍ୟ କରୁଥିଲା। କିନ୍ତୁ କମ୍ପାନୀର ଖଣି କାର୍ଯ୍ୟ ବନ୍ଦ ହୋଇଯିବା ପରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଉକ୍ତ ଘରଟି ମରାମତି ଅଭାବରୁ ଭଙ୍ଗା ଆଜବେଷ୍ଟସ ଘରେ ଉପଡାକଘର ଚାଲିଛି। ଯଦି ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଡାକଘର ମରାମତି କରିବାକୁ ଦାବି ହୋଇଛି।

### ୨ ମଦ ବେପାରୀ ଗିରଫ

**ରାଇରଙ୍ଗପୁର,୨୮।୮(ଡି.ଏନ୍.ଏ)**– ରାଇରଙ୍ଗପୁର ଅବକାରୀ ବିଭାଗ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ ମଦ ବେପାରୀଙ୍କୁ ଗିରଫ କରିବା ସହ ୩୦ ଲିଟର ଦେଶୀ ମଦ ଏବଂ ୨୬ ଲିଟର ବିଅର ସମେତ ୫ ଲିଟର ବିଦେଶୀ ମଦ ଜବତ କରିଥିବା ଜଣାଯାଇଛି। ଗିରଫ ମଦ ବେପାରୀ ଝାରପୋଖରୀଆ ଥାନା ଅନ୍ତର୍ଗତ ରୁଣ୍ଡାଡିହି ଗ୍ରାମର ଆଲମଣି ସିଂହ ଏବଂ ବିଶୋଇ ଥାନା ଅନ୍ତର୍ଗତ ମାଣିଚ ଗ୍ରାମର ଈଶ୍ୱର ଚନ୍ଦ୍ର ସିଂ ବୋଲି ଜଣାଯାଇଛି। ଅବକାରୀ କର୍ତ୍ତୃପକ୍ଷ ଏଥିନେଇ ୨ଟି ମାମଲା ରୁଜୁ କରି ଗିରଫ ୨ ମଦ ବେପାରୀଙ୍କୁ କୋର୍ଟଚାଲାଣ କରିଥିବା ଜଣାଯାଇଛି।

## ପିଏଫ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦୁଝର,୨୮।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ୮ ଦଫା ଦାବି ପୂରଣ କରିବା ଦାବିରେ ସ୍ଥାନୀୟ ପିଏଫ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ବୁଧବାର ଧାରଣା ଦେଇଛନ୍ତି। ଦାବି ଗୁଡ଼ିକ ମଧ୍ୟରେ ବେତନର ଅସମାନତା ଦୂର କରିବା ପାଇଁ କମିଟି ରିପୋର୍ଟକୁ କାର୍ଯ୍ୟକାରୀ କରିବା, ସବୁ ଶ୍ରେଣୀର କର୍ମଚାରୀଙ୍କ ନିଯୁକ୍ତି ନିୟମକୁ ଗ୍ରହଣ କରିବା, ୱାର୍କ ନିୟମକୁ ଲାଗୁକରିବା, ଆନ୍ତଃ ରାଜ୍ୟ ସ୍ଥାନାନ୍ତର ନିୟମକୁ ସ୍ଥାୟୀ ସ୍ଥାନାନ୍ତର ନୀତିରେ ପରିବର୍ତ୍ତନ କରିବା, ସହାୟକ ଆୟୁକ୍ତ ଠାରୁ ଆରମ୍ଭ କରି କ୍ଷେତ୍ରୀୟ ଆୟୁକ୍ତ ପର୍ଯ୍ୟନ୍ତ ଆର୍ଥିକ କ୍ଷମତାକୁ ପୁନଃ ଲାଗୁକରିବା ସହ ଖାଲିଥିବା ପଦବୀ ପୂରଣ କରିବା ଆଦି ଅନ୍ତର୍ଭୁକ୍ତ।

## ଉଦଳା ରୋଟାରୀ କ୍ଲବ ପୁରସ୍କୃତ

ଉଦଳା,୨୮।୮(ଡି.ଏନ୍.ଏ.)

ଉଲ୍ଲେଖନୀୟ କାର୍ଯ୍ୟ କରି ସଫଳତା ହାସଲ କରିଥିବାରୁ ଉଦଳା ରୋଟାରୀ କ୍ଲବକୁ ରୋଟାରୀ ଆନ୍ତଃବାର୍ଷିକ ଜିଲାଦ୍ୱାରା ପୁରସ୍କୃତ କରାଯାଇଛି । ଏହି କ୍ଲବ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଆର୍ଥିକ ଅସ୍ୱଚ୍ଛମାନଙ୍କୁ ଶୀତବସ୍ତ୍ର ବଣ୍ଟନ, ଦେୟମୁକ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଚିକିତ୍ସା ପ୍ରଦାନ, ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର, ମୋତିଆବିନ୍ଦୁ ଅସ୍ତ୍ରୋପ୍ରଚାର, ଫନୀବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୁରୀ ଜିଲ୍ଲାବାସୀଙ୍କୁ ବସ୍ତ୍ର, ପୋଷାକ ଏବଂ ଶୁଖିଲା ଖାଦ୍ୟ ବିତରଣ, ଉଦଳା ଅଞ୍ଚଳରେ ନିରକ୍ଷର ଆଦିବାସୀଙ୍କୁ ପୌଢ ଶିକ୍ଷା ସହିତ ପରୀକ୍ଷା ଆୟୋଜନ, ଉଦଳା ବସଷ୍ଟାଣ୍ଡରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହିତ ବହୁ ସାମାଜିକ ସେବାରେ କ୍ଲବ ଉତ୍ସର୍ଗୀକୃତ କାର୍ଯ୍ୟ କରିଥିବାରୁ ରୋଟାରୀ କ୍ଲବକୁ ସମୀକ୍ଷକ କମିଟି ୫ ଗୋଟି ପୁରସ୍କାର ପ୍ରଦାନ କରିଛନ୍ତି । ଉଦଳା ରୋଟାରୀ କ୍ଲବକୁ ଗୋଲଡ ସିଲ୍, ସଂପାଦକ ବ୍ରହ୍ମାନନ୍ଦ ନାୟକଙ୍କୁ ଗୋଲଡ ସିଲ୍, ସଭାପତି ଇଂ ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ ପ୍ଲାଟିନମ୍ ସିଲ୍ ଏବଂ ଉଦୀୟମାନ ସେବା ପାଇଁ ଅନ୍ୟ ଏକ ପୁରସ୍କାର ପ୍ରଦାନ କରାଯାଇଛି । ଏହା ବ୍ୟତୀତ ଉଦଳା ରୋଟାରୀ କ୍ଲବକୁ ଉଦଳା ବସଷ୍ଟାଣ୍ଡରେ ବିଶୁଦ୍ଧ ପାନୀୟ ଜଳଦାନ ପାଇଁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସାରା ରାଜ୍ୟରେ ୯୨ ଗୋଟି କ୍ଲବ ମଧ୍ୟରୁ ଉଦଳା ରୋଟାରୀ କ୍ଲବ ପାଞ୍ଚ ଗୋଟି ପୁରସ୍କାର ପାଇବାରେ ସକ୍ଷମ ହୋଇଛି । ଆର୍ନ୍ତଜାତିକ ରୋଟାରୀ ଜିଲ୍ଲାର ରୋଟାରୀ ଗଭର୍ଣ୍ଣର ଦେବାଶିଷ ମିଶ୍ର, ୨୦୧୮-୧୯ ରୋଟାରୀ ଗଭର୍ଣ୍ଣର ଭବାନୀ ପ୍ରସାଦ ଚୌଧୁରୀ, ପ୍ରାକ୍ତନ ଗଭର୍ଣ୍ଣର ଶିବଦତ୍ତ ଦାସ ଭୁବନେଶ୍ୱର ହିନ୍ଦୁସ୍ଥାନ ଇଣ୍ଟରନ୍ୟାଶନାଲ ହୋଟେଲ ସଭାଗୃହରେ ଆୟୋଜିତ ସଭାରେ ଉଦଳା ରୋଟାରୀ କ୍ଲବକୁ ସମ୍ମାନିତ କରାଯାଇଥିଲା।

## ବିଦ୍ୟାଳୟରେ ମାତୃ କର୍ମଶାଳା




ଆନନ୍ଦପୁର,୨୮।୮(ସ୍ୱ.ପ୍ର.)

ଘସିପୁରା ବ୍ଲକ ଅଳତୀ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ୭୫ ଜଣ ମା' କ୍ରିୟାକଳାପରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାଡେଶ୍ୱର ମହାବିଦ୍ୟାଳୟର 'ଶିକ୍ଷା' ବିଭାଗର ପ୍ରାଧ୍ୟାପକ କ୍ଷୀରୋଦ କୁମାର ବେହେରା ଉପସ୍ଥିତ ରହି ଶିଶୁ ମାନେ ଖେଳ ଓ କ୍ରିୟା କଳାପ ମାଧ୍ୟମରେ ବିକାଶ କରିପାରିବେ ବୋଲି ଉପସ୍ଥିତ ମା' ମାନଙ୍କୁ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାର୍ତ୍ତିକ ଚନ୍ଦ୍ର ଶତପଥୀ ଉପସ୍ଥିତ ଥିଲେ। କର୍ମଶାଳାରେ ଗୁରୁଜୀ ଆଦିତ୍ୟ ନାୟକ, ଶିକ୍ଷୟିତ୍ରୀ ମଧୁସ୍ମୀତା ରଣା ଶିଶୁ ସଙ୍ଗୀତ ପରିବେଷଣ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ମଦନ ମୋହନ ବରାଳ, ସଭାପତି ଦୁର୍ଯ୍ୟୋଧନ ସାହୁ, କୋଷାଧ୍ୟକ୍ଷ ବିଶିକେଷନ ରାଉତ, ସହ ସମ୍ପାଦକ ନୃସିଂହ ସେଠୀ, ଉପସଭାପତି ନୃସିଂହ ମଲ୍ଲିକ, ସଭ୍ୟ ପଦ୍ମିନୀ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

■ ଯୁଗପୁରା-ମଛପଦା ରାସ୍ତା ମରଣଯନ୍ତା

# ଆନ୍ଦୋଳନ ପାଇଁ ସଜବାଜ

ବୈଶିଙ୍ଗା,୨୮।୮

ବେତନଟୀ ବ୍ଲକ ଅନ୍ତର୍ଗତ ସନ୍ତରା ପଞ୍ଚାୟତର ମଛପଦା ଗ୍ରାମଠାରୁ ଯୁଗପୁରା ରେଳଷ୍ଟେଶନ ପର୍ଯ୍ୟନ୍ତ ଲମ୍ବିଯାଇଥିବା ୫ କି.ମି. ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଦିନେ ଜୀବନରେଖା ସାବ୍ୟସ୍ତ ହେଉଥିବା ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ତମାମ୍ ଆଣ୍ଠୁଏ ଗଭୀର ଖାଲଖମାରେ ଭରପୂର। ଅସରାଏ ବର୍ଷାରେ ରାସ୍ତାରେ ଯାତାୟାତ ଶୂନ୍ୟ ହୋଇଯାଏ। ଏମିତି କି ଗ୍ରୀଷ୍ମ ଋତୁରେ ମଧ ରାସ୍ତାଟିରେ କେବଳ ଦୁଇଚକିଆ ଯାନ ବ୍ୟତୀତ ଅନ୍ୟ କୌଣସି ଭାରି ଯାନ, ଆମ୍ବୁଲାନ୍ସ, ଦମକଳ ଗାଡ଼ି ଯିବା ଆସିବା କରିବା ସମ୍ଭବ ହୋଇ ନ ଥାଏ। ରାସ୍ତାଟି ଉପରେ ପ୍ରାୟ ଚାଳିଶଟି ଗ୍ରାମର ଅଧିବାସୀ ନିର୍ଭରଶୀଳ। ଏମାନେ ସାଧାରଣତଃ କୁଡୁମୀ ଓ ଆଦିବାସୀ ସମ୍ପ୍ରଦାୟର। ଉନ୍ନତ ମାନର ଧାନ, ତରଭୁଜ ଓ ମାଛ ଚାଷ ନିମନ୍ତେ ଏହି ଅଞ୍ଚଳ ବେଶ୍ ଜଣାଶୁଣା। ମାତ୍ର ନିଜର ଉତ୍ପାଦିତ ଶଷ୍ୟ ଓ ପନିପରିବା ଆଦି ବିକ୍ରି କରିବା ନିମନ୍ତେ ପିକ୍‌ଅପ୍ ବା ଟ୍ରାକଟର ଯୋଗେ ମଣ୍ଡିକୁ ନେଇ ପହଞ୍ଚାଇବା ଚାଷୀମାନଙ୍କ ନିମନ୍ତେ ଚ୍ୟାଲେଞ୍ଜ ହୋଇପଡ଼ିଛି।

ସେହିଭଳି ଜରୁରୀ କାର୍ଯ୍ୟରେ ଟ୍ରେନ୍ ଯାତ୍ରା ନିମନ୍ତେ ନିକଟସ୍ଥ ଯୁଗପୁରା ରେଳଷ୍ଟେଶନ ଉପରେ ଅଞ୍ଚଳବାସୀ ନିର୍ଭରଶୀଳ। ରାସ୍ତା ଅବସ୍ଥା ଯୋଗୁ ତାହା ମଧ ଦୁର୍ବିସହ ହୋଇଯାଇଛି। ଏହି କାରଣରୁ ଗତ ଦୁଇବର୍ଷ ହେବ ଏହି ୪୦ ଖଣ୍ଡ ଗ୍ରାମବାସୀ ବାରିପଦା-ରୁପ୍‌ସା ରେଳ ରୁଟ୍ ମଧ୍ୟବର୍ତ୍ତୀ ମଛପଦା ଗ୍ରାମ ନିକଟରେ ଏକ ନୂତନ ପାସେଞ୍ଜର ହଲ୍‌ଟ ଦାବି କରିଆସୁଛନ୍ତି। ଗତ ଜୁଲାଇ ମାସରେ ସ୍ଥାନୀୟ କେତେକ ବୁଦ୍ଧିଜୀବୀ ଦିଲ୍ଲୀ ଗସ୍ତ କରି କେନ୍ଦ୍ର ରେଳମନ୍ତ୍ରୀ ପିୟୁସ ଗୋୟଲଙ୍କୁ ପାସେଞ୍ଜର ହଲ୍‌ଟ ସ୍ଥାପନ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି।

ରାସ୍ତା ସମ୍ପର୍କରେ ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ଅରବିନ୍ଦ ମହାନ୍ତିଙ୍କୁ ପଚାରିବାରୁ ଏହି ରାସ୍ତା ପିଚୁ କରାଯିବା ନିମନ୍ତେ ଅଞ୍ଚଳବାସୀ ତାଙ୍କ ନିକଟରେ ବହୁଦିନରୁ ଦାବି କରିଆସୁଥିବା ପରିପ୍ରେକ୍ଷୀରେ ଗତ ଜାନୁୟାରୀ ମାସରେ ତାଙ୍କ ବିଭାଗ ପକ୍ଷରୁ ରାସ୍ତାଟିକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ପ୍ରସ୍ତାବ ପଠାଯାଇଛି। ହେଲେ ଅଦ୍ୟାବଧି ଉଚ୍ଚ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ମିଳିପାରି ନାହିଁ। ତେବେ ୩୬ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା, ୩୬ ନଂ. ଜୋନ୍ ଭାଜପା ସଭାପତି ରତିକାନ୍ତ ମହାନ୍ତ, ସନ୍ତରା ପଞ୍ଚାୟତ ସରପଞ୍ଚ ଚାଡ଼ରା ହେମ୍ବ୍ରମ, ସମିତି ସଭ୍ୟ ନନ୍ଦକିଶୋର ସିଂ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ଚତୁର୍ଭୁଜ ପୁଷ୍ଟି ପ୍ରମୁଖ ଅତିଶୀଘ୍ର ରାସ୍ତା କାମ ଆରମ୍ଭ କରାଯିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଧାୟକଙ୍କଠାରେ ଦାବି କରିଛନ୍ତି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଜନଅସନ୍ତୋଷର ଦାନା ବାନ୍ଧୁଥିବା ସୂଚନା ମିଳିଛି।

# ବିଶ୍ୱ ଆଣବିକ ପରୀକ୍ଷଣ ନିରୋଧୀ ଦିବସ



ଆଣବିକ ପରୀକ୍ଷଣ କରି ଏବେ ସବୁ ଦେଶ ନିଜର ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଏହା ପୃଥିବୀ ପ୍ରତି କେତେ ଯେ ବିପଦପୂର୍ଣ୍ଣ ତାହା କେହି ବି ଚିନ୍ତା କରୁନାହାନ୍ତି। ପ୍ରଥମେ ଜୁଲାଇ ୧୬, ୧୯୪୫ରେ ଆଣବିକ ପରୀକ୍ଷଣ କରାଯାଇଥିଲା। ଆମେରିକା ଦ୍ୱାରା ନ୍ୟୁ ମେକ୍ସିକୋର ଆଲାମୋଗୋର୍ଡୋର ମରୁଭୂମିରେ ପରମାଣୁ ବୋମା ପରୀକ୍ଷା କରାଯାଇଥିଲା। ସେହିପରୀକ୍ଷଣ ପରେ ଗତ ୫ ଦଶନ୍ଧି ମଧ୍ୟରେ ଅନେକ ଆଣବିକ ବୋମା ପରୀକ୍ଷା କରାଯାଇଛି। ତେବେ ଆଣବିକ ପରୀକ୍ଷଣକୁ ରୋକିବା ପାଇଁ ୧୯୬୬ରେ ନ୍ୟୁକ୍ଲିୟର ଟେଷ୍ଟ ବ୍ୟାନ୍ ଟ୍ରିଟି (ସିଟିବିଟି)ରେ ସ୍ୱାକ୍ଷର କରିଛନ୍ତି ବିଶ୍ୱର ବହୁ ଦେଶ।

୧୯୪୫ରୁ ୧୯୯୬ ମଧ୍ୟରେ ୨୦୦୦ଟି ଆଣବିକ ପରୀକ୍ଷଣ କରାଯାଇସାରିଲାଣି। କେବଳ ଆମେରିକା ୧୯୪୫ରୁ ୧୯୯୨ ମଧ୍ୟରେ ୧,୦୩୨, ରୁଷିଆ ୧୯୪୯ରୁ ୧୯୯୦ ମଧ୍ୟରେ ୭୧୫, ଇଂଲଣ୍ଡ ୧୯୫୨ରୁ ୧୯୯୧ ମଧ୍ୟରେ ୪୫, ଫ୍ରାନ୍ସ ୧୯୬୦ରୁ ୧୯୯୬ ମଧ୍ୟରେ ୨୧୦, ଚାଇନା ୧୯୬୪ରୁ ୧୯୯୬ ମଧ୍ୟରେ ୪୫ଟି ଆଣବିକ ପରୀକ୍ଷଣ କରିସାରିଛନ୍ତି। ସିଟିବିଟିରେ ସ୍ୱାକ୍ଷର କରିବା ପାଇଁ ସେପ୍ଟେମ୍ବର ୧୯୯୬ରେ ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ତା 'ପରଠାରୁ ୧୦ଟି ଆଣବିକ ପରୀକ୍ଷଣ କରାଯାଇଛି, ଯାହା ଦୁର୍ଭାଗ୍ୟଜନକ। ଭାରତ ଓ ପାକିସ୍ତାନ ମଧ୍ୟ ୧୯୯୮ରେ ଦୁଇଟି ଲେଖାଏ ଆଣବିକ ପରୀକ୍ଷା କରିଛନ୍ତି। ଅପରପକ୍ଷରେ ଡେମୋକ୍ରାଟିକ ପ୍ୟୁପୁଲ୍ସ ରିପବ୍ଲିକ ଅଫ୍ କୋରିଆ ୨୦୦୬,୨୦୦୯,୨୦୧୩, ୨୦୧୬ ଏବଂ ୨୦୧୭ରେ ପରୀକ୍ଷା କରିଛି। ଯାହା ଏବେ ବିଶ୍ୱକୁ ଏକ ଆତଙ୍କ ବାତାବରଣ ମଧ୍ୟକୁ ଠେଲିଦେଇଛି।

ଭୂପୃଷ୍ଠ ଉପରେ, ତଳେ ଓ ପାଣି ମଧ୍ୟରେ ଆଣବିକ ପରୀକ୍ଷଣ କରାଯାଇଛି। ପାଣିର ୬୦୦ ମିଟର ତଳେ ଓ ୨,୪୦୦ମିଟର ମାଟି ତଳେ ଏହାକୁ ପରୀକ୍ଷା କରାଯାଇଛି। ଏହାକୁ ବି ଭୂପୃଷ୍ଠ ସହ ସମାନ୍ତରାଳ ଭାବେ ରହିଥିବା ଟନେଲ ମଧ୍ୟରେ ପରୀକ୍ଷା କରାଯାଉଛି। ଆଣବିକ ପରୀକ୍ଷଣ ମଧ୍ୟ ବାୟୁମଣ୍ଡଳର ୨୦୦ ମାଇଲ୍ ଉପରେ କରାଯାଇଛି। ଏହାକୁ ଏୟାର କ୍ରାଫ୍ଟ ମାଧ୍ୟମରେ ଉପରୁ ପକାଯାଇ ତାହାକୁ ରକେଟ ଦ୍ୱାରା ବିସ୍ଫୋରଣ କରାଯାଇଛି। ଯାହା ଏବେ ବାୟୁମଣ୍ଡଳକୁ ବିଷାକ୍ତ କରିବା ସହ ଓଜୋନସ୍ତରକୁ ପ୍ରଭାବିତ କରିଛି ବୋଲି କୁହାଯାଇପାରେ।

୧୯୪୫ରୁ ୧୯୯୬ ମଧ୍ୟରେ କରାଯାଇଥିବା ୨୦୦୦ଟି ପରୀକ୍ଷଣ ମଧ୍ୟରୁ ୨୫ ପ୍ରତିଶତ ଅର୍ଥାତ ୫୦୦ଟି ବୋମା କେବଳ ବାୟୁମଣ୍ଡଳରେ ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ଆମେରିକା ୨୦୦ ଓ ରୁଷିଆ ମଧ୍ୟ ୨୦୦ଟି ପରୀକ୍ଷା କରିଛି। ବାୟୁମଣ୍ଡଳରେ ବ୍ରିଟେନ ୨୦ଟି, ଫ୍ରାନ୍ସ ୫୦ ଓ ଚାଇନା ୨୦ଟି ଆଣବିକ ପରୀକ୍ଷଣ କରି ବିଶ୍ୱରେ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ଉଭା ହୋଇଛନ୍ତି। ୧୯୬୩ରେ ବାୟୁମଣ୍ଡଳରେ ଆଣବିକ ପରୀକ୍ଷଣ କରାଯିବା ଉପରେ ସାମୟିକ କଟକଣା ଅଣାଯାଇଥିଲେ ବି ତା'ପରେ ପରୀକ୍ଷଣ ଜାରି ରହିଥିଲା। ଫ୍ରାନ୍ସ ୧୯୭୪ ଓ ଚାଇନା ୧୯୮୦ରେ ସେମାନଙ୍କର ଶେଷ ଆଣବିକ ପରୀକ୍ଷା ବାୟୁମଣ୍ଡଳରେ କରିଥିଲେ।

ଏହିଅସବୁ ପରୀକ୍ଷଣ ବାୟୁମଣ୍ଡଳ ଲାଗି ବିପଦ ଆଣିଛି। ପଚାଶ ଦଶକର ମଧ୍ୟଭାଗରେ କରାଯାଇଥିବା ପରୀକ୍ଷଣ ଏଥିପାଇଁ ଦାୟୀ। ମୁଖ୍ୟତଃ ୧ ନଭେମ୍ବର ୧୯୫୨ରେ ପ୍ରଥମ ଉଦ୍‌ଜାନ ବୋମା ପରୀକ୍ଷା କରାଯିବା ପରେ ମାର୍ଚ୍ଚ ୧, ୧୯୫୪ରେ ୧୫ ମେଗାଟନ୍ ବୋମା ପରୀକ୍ଷା କରାଯିବା ଥିଲା ବିଶ୍ୱ ଲାଗି ଏକ ଭୟଙ୍କର ଦିନର ଆରମ୍ଭ। ସେତେବେଳେ ଏହାର ପ୍ରଭାବ କ'ଣ ରହିଥିଲା ତାହା ବିକଶିତ ଦେଶମାନେ ଭଲ ଭାବେ ଅନୁଭବ କରିସାରିଛନ୍ତି। ଏହାପରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୫୪ ଏପ୍ରିଲ ୨ରେ 'ଷ୍ଟାଣ୍ଡ୍ ଷ୍ଟିଲ୍, ଚୁକ୍ତି ପାଇଁ ଆହ୍ୱାନ ଦେଇଥିଲେ।

ସେହିପରି ପାଣି ମଧ୍ୟରେ ଆଣବିକ ପରୀକ୍ଷଣ କରାଯିବା ଦ୍ୱାରା ସାମୁଦ୍ରିକ ଜୀବ ରେଡିଓଆକ୍ଟିଭ ୱାଟର ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାକୁ ମଧ୍ୟ ୧୯୬୩ରେ ସାମୟିକ ଭାବେ ବନ୍ଦକରିବା ପାଇଁ ଚୁକ୍ତି କରାଯାଇଥିଲା, କିନ୍ତୁସେଭଳି ସଫଳତା ମିଳିଲାନାହିଁ।

ମାଟିତଳେ ପରମାଣୁ ବୋମା ପରୀକ୍ଷା କରିବା ୧୯୯୬ରୁ ସିଟିବିଟି ଦ୍ୱାରା ବନ୍ଦ କରାଯାଇଥିଲେ ମଧ୍ୟ ୭୫ ପ୍ରତିଶତ ପରୀକ୍ଷଣ କରାଯାଇଛି। କହିବାକୁ ଗଲେ ଏଭଳି ପରୀକ୍ଷା କରୁଥିବା ଦେଶ ଗୁଡ଼ିକ ୧୯୪୫ରୁ ୨୦୦୬ ମଧ୍ୟରେ ଲଗାତାର ପରୀକ୍ଷା ଜାରି ରଖିଥିଲେ। ଜୁଲାଇ୧୬, ୧୯୪୫ରେ ଆମେରିକା ଦ୍ୱାରା୨୦ କିଲୋଟନ ପରମାଣୁ ବୋମା ପରୀକ୍ଷା କରାଯାଇଥିଲା।

ବିଶ୍ୱଯୁଦ୍ଧ ସମୟରେ ଅଗଷ୍ଟ୬, ୧୯୪୫ ଓ ଅଗଷ୍ଟ୯, ୧୯୪୫ରେ ଆମେରିକା ଦୁଇଟି ପରମାଣୁ ବୋମା ଜାପାନର ହିରୋଶିମା ଓ ନାଗାସାକି ସହର ଉପରେ ପକାଇଥିଲା। ଏହାର ଭୟାବହତା ଏବେଯାଏ ବିଶ୍ୱସମୁଦାୟରୁ ଲିଭିନାହିଁ। ତା'ସତ୍ତ୍ୱେ ସବୁ ଦେଶ ଆଣବିକ ଶକ୍ତି ପାଇଁ ଏବେ ଯେଉଁ ପ୍ରତିଯୋଗିତା କରୁଛନ୍ତି ତାହା ଯେ ଆଗକୁ କେତେ ବିପଦ ଆଣିବ ତାହା ଚିନ୍ତା କରିବାର ସମୟ ଉପଗତ।

୧୯୪୫ ବେଳକୁ ବିଶ୍ୱରେ ମୋଟରେ ୩,୦୦୦ ଟି ଆଣବିକ ଅସ୍ତ୍ର ରହିଥିଲା। ୧୯୬୫ରେ ଥିଲା ୩୭,୦୦୦,୧୯୭୫ରେ ଏହି ସଂଖ୍ୟା ୪୭,୦୦୦ ଓ ୧୯୮୦ ଶେଷ ଆଡକୁ ଏହା ପହଞ୍ଚିଥିଲା ୬୦,୦୦୦ରେ। ଏବେ ଏହି ସଂଖ୍ୟା ଢେର ଅଧିକ। ଆମେରିକା ଓ ରୁଷିଆ ନିକଟରେ ୧,୬୦୦ଟି ଲେଖାଏ ପରମାଣୁ ବୋମା ରହିଥିବାବେଳେ ଭାରତ ପାଖରେ ୧୩୦ ଓ ପାକିସ୍ତାନ ପାଖରେ ୧୪୦ଟି ଆଣବିକ ବୋମା ରହିଛି। ସବୁ ଆଣବିକ ଅସ୍ତ୍ରକୁ ଏକାଠି କରିଦେଲେ ଓ ତାହାକୁ ଯଦି ଦେଶ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତିରେ ପ୍ରୟୋଗ କରାଯାଏ ତେବେ ପୂରା ବିଶ୍ୱ ଧ୍ୱଂସସ୍ତୂପ ପାଲଟିଯିବ। ଏଣୁ ବିଶ୍ୱ ଆଣବିକ ପରୀକ୍ଷଣ ନିରୋଧୀ ଦିବସରେ ଆଣବିକ ଅସ୍ତ୍ରର ଭୟାବହତା ଉପରେ ଚିନ୍ତା କରିବାର ବେଳ ଉପଗତ। ଏହି ଦିବସ ବି ଏ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଦିଏ– ଯାହା ପରୋକ୍ଷରେ ସୂଚାଇଦିଏ ବିଶ୍ୱ ଚାହେଁ ଏକ ଆଣବିକ ଅସ୍ତ୍ରଶସ୍ତ୍ର ମୁକ୍ତ ପରିବେଶ।

## ସମ୍ବଲପୁର ୨ୟ ପ୍ଲାଷ୍ଟିକ ବର୍ଜିତ ରେଳଷ୍ଟେଶନ




ସଚେତନତା ଶୋଭାଯାତ୍ରା।

- ଶପଥ ନେଲେ କର୍ମଚାରୀ, ଛାତ୍ରୀଛାତ୍ର
- ଆଗକୁ ଚଢ଼ାଉ, ଜରିମାନା

**ଭୁବନେଶ୍ୱର, ୨୮।୮(ବ୍ୟୁରୋ):** ସମ୍ବଲପୁର ରେଳ ଷ୍ଟେଶନକୁ ପ୍ଲାଷ୍ଟିକ ବର୍ଜିତ ଷ୍ଟେଶନ ଭାବେ ଘୋଷଣା କରାଯାଇଛି। ତିରୁପତି ପରେ ସମ୍ବଲପୁର ଦେଶର ଦ୍ୱିତୀୟ ପ୍ଲାଷ୍ଟିକ ବର୍ଜିତ ଷ୍ଟେଶନ ବୋଲି ପୂର୍ବତଟ ରେଳପଥର ସମ୍ବଲପୁର ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ସମ୍ବଲପୁର ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଡିଆର୍‌ଏମ୍ ଡ. ଜୟଦୀପ ଗୁପ୍ତା ଉପସ୍ଥିତ କର୍ମଚାରୀ, ଅଧିକାରୀ, ସ୍କୁଲ ଛାତ୍ରୀଛାତ୍ର, ସ୍କାଉଟ୍ ଆଣ୍ଡ୍ ଗାଇଡ୍ସ ଓ ଏନ୍‌ସିସି ସ୍ୱେଚ୍ଛାସେବୀଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ କରାଇବା ପାଇଁ ଶପଥ ଗ୍ରହଣ କରାଇଛନ୍ତି। ଏହାସହ ଅନ୍ୟମାନଙ୍କୁ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ସଚେତନ କରିବାକୁ ଡ. ଗୁପ୍ତା ପରାମର୍ଶ ଦେଇଛନ୍ତି। ସେ ପରିବେଶ ଉପରେ ପ୍ଲାଷ୍ଟିକର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ବୁଝାଇବା ସହ ଷ୍ଟେଶନ ପରିସର ଓ କାର୍ଯ୍ୟାଳୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଷ୍ଟେଶନ ପରିସରରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ନିୟମ କଡ଼କଡ଼ି କରାଯାଇଛି। ନିୟମିତ ଚଢ଼ାଉ କରାଯିବା ସହ ଖୁବ୍‌ଶୀଘ୍ର ଧାର୍ଯ୍ୟ ହୋଇଥିବା ଜରିମାନା ଆଦାୟ କରାଯିବ ବୋଲି ଡ. ଗୁପ୍ତା ସୂଚନା ଦେଇଛନ୍ତି। ଏହି ଅବସରରେ ଡ. ଗୁପ୍ତାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଯାତ୍ରୀ ଓ ଷ୍ଟେଶନ ବାହାରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା।

## ଦବିଲା କାଠଯୋଡ଼ି ସେତୁ

### ଭାରିଯାନ ଚଳାଚଳ ଉପରେ କଟକଣା



**କଟକ ଅଫିସ,୨୮।୮:** କଟକ ପ୍ରବେଶ ପଥରେ ବିପଦ। ଭୁବନେଶ୍ୱର–କଟକକୁ ସଂଯୋଗ କରୁଥିବା କାଠଯୋଡ଼ି ସେତୁର ଆରମ୍ଭ ତଥା ଖପୁରିଆ ନିକଟରେ ଏହି ସେତୁର କିଛି ଅଂଶ ଦବି ଯାଇଛି। ଏ ନେଇ ଯାତ୍ରୀଙ୍କ ମନରେ ଆଶଙ୍କା ପ୍ରକାଶ ପାଇଛି। କୌଣସି ବଡ ଧରଣର ବିପତ୍ତି ପୂର୍ବରୁ ଏହି ପାର୍ଶ୍ୱରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି। ସେହିପରି ଭାରିଯାନ ଚଳାଚଳ ଉପରେ କଟକଣା ଜାରି ହୋଇଛି। ଖବର ପାଇ ପୋଲିସ ଏବଂ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସମ୍ପୃକ୍ତ ସ୍ଥାନକୁ ବର୍ଜନ କରିଦିଆଯାଇଛି। ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ମଧ୍ୟ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଏହା ନିମ୍ନମାନ କାମର ଫଳ ବୋଲି କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ସେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଥିବା ଜଣାପଡ଼ିଛି। ସୂଚନାଥାଉ କି, ଦ୍ୱୈତନଗରୀ କଟକ–ଭୁବନେଶ୍ୱରକୁ ସଂଯୋଗ କରିବା ପାଇଁ ଏକମାତ୍ର ବିକଳ୍ପ ହେଉଛି କାଠଯୋଡ଼ି ସେତୁ। ଏହି ସେତୁଟି ଜାତୀୟ ରାଜପଥ–୧୬ ଅନ୍ତର୍ଗତ। ଏହା ପ୍ରାୟ ୪ବର୍ଷ ତଳେ ନିର୍ମାଣ ହୋଇଥିଲା। ତେବେ ସେତୁରେ କ'ଣ ସମସ୍ୟା ରହିଛି ତାହା ଜଣାପଡ଼ିନାହିଁ। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଡିଭିଜନ–୨ର ଯନ୍ତ୍ରୀ ସୁଧାଂଶୁ ମହାପାତ୍ରଙ୍କୁ ପଚାରିବାରେ କହିଛନ୍ତି, ଏନ୍‌ଏଚ୍‌ଏଆଇ ଏହି ସେତୁ ନିର୍ମାଣ କରିଛି। ଏ ବାବଦରେ କୌଣସି ସୂଚନା ଆମ ପାଖରେ ନାହିଁ। ଅନ୍ୟପକ୍ଷେ ଲଗାଣ ବର୍ଷା ଯୋଗୁ ସେତୁର ତଳେ ଦିଆଯାଇଥିବା ବାଲି, ପଥର ବନ୍ଧ ଦୁର୍ବଳ ହୋଇଛି ବୋଲି କୁହାଯାଉଛି। କିଛି ଦିନ ପୂର୍ବରୁ ଭୁବନେଶ୍ୱରର ପଳାଶୁଣୀ ଓଭରବ୍ରିଜ ମଧ୍ୟ ଦବିଥିଲା।

## ନକଲି ତେଲ କାରଖାନାରେ ଚଢ଼ାଉ





୩୮ହଜାର ଲିଟର ଅପମିଶ୍ରିତ ଖାଇବା ତେଲ ଜବତ

### ୨ ଗିରଫ

**ଫୁଲନଖରା,୨୮।୮(ଡି.ଏନ୍.ଏ.):** ଫୁଲନଖରା ନିକଟ ବଙ୍ଖକୁଦ ଅଞ୍ଚଳରେ ଥିବା ଏକ ନକଲି ଖାଇବା ତେଲ କାରାଖାନା ଉପରେ ବୁଧବାର କଟକ ସଦର ଥାନା ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାରଖାନାର ମାଲିକ ଜଗଦୀଶ ସାହୁ ଓରଫ ଜଗୁନି ଓ ମ୍ୟାନେଜର ବିନୟ ଷଡ଼ଙ୍ଗୀ। ଚଢ଼ାଉ ବେଳେ ୩୮ହଜାର ଲିଟର ଅପମିଶ୍ରିତ ଖାଇବା ତେଲ, ବୋତଲ, ପଲିପ୍ୟାକ ଓ ବିଭିନ୍ନ ଲୋଗୋ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୭୪/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦୀର୍ଘ ୨୦ବର୍ଷ ହେବ ଚାଲିଥିବା ଏହି କାରଖାନାକୁ କୋଲକାତାର ହଳଦିଆରୁ କଞ୍ଚାମାଲ ଆସୁଥିଲା। ପରେ ଏହାକୁ ଖୁସି ଗୋଲ୍ଡ, ଡାଲଡା, ପାୱାର, ହ୍ୱାଇଟ ବ୍ରାଣ୍ଡ ଆଦି ବିଭିନ୍ନ ପ୍ରକାର ତେଲ ଖାଉଟିଙ୍କୁ ଯୋଗାଇଦେବା ପାଇଁ ବଜାରକୁ ବିକ୍ରି ପାଇଁ ପଠାଯାଉଥିଲା। ଏହି କମ୍ପାନୀର ଖାଇବା ତେଲ କଟକର ମାଲଗୋଦାମ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଭଦ୍ରକ, ଯାଜପୁର, ମଙ୍ଗଳପୁର, ସାଲେପୁର, ଢେଙ୍କାନାଳ, ଅନୁଗୋଳ ଆଦି ସ୍ଥାନକୁ ପଠାଯାଉଥିଲା ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି। ପୋଲିସ କାରଖାନାକୁ ସିଲ କରିବା ସହ ଏକ ତେଲ ବୋଝେଇ ଟ୍ରକ୍ ଓ ତେଲ ଟ୍ୟାଙ୍କରକୁ ଜବତ କରିଛି। ଏହି ଚଢାଉ ବେଳେ କଟକ ଜୋନ–୪ର ଏସିପି ସତ୍ୟରଞ୍ଜନ ମଲ୍ଲିକ, ଏସ୍‌ଆଇ ବବିତା ସାହୁ, ଏଏସ୍‌ଆଇ ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


**KASTURBA GANDHI BALIKA VIDYALAYA, PADMANABHAPUR DIGAPAHANDI BLOCK**

**TENDER CALL NOTICE**

Sealed tenders are invited from the registered / reputed firms and manufacturer for supply of items like Grocery, Cosmetic & Toilet items, Office and Students sationeries, Dress Materials, Sleeper & Sports Shoes to the Kasturba Gandhi Balika Vidyalaya, Padmanabhapur, Block Digapahandi, District Ganjam for the year 2019-20. Interested parties / firms can purchase the tender forms from office of the KGBV, Padmanabhapur w.e.f. 01.09.2019 to 15.09.2019 in all working day from 10.00 AM to 4.00 PM on payment of Rs. 200/- (Rupees Two hundred only) non refundable in cash or Bank draft payable at State Bank of India, Branch Talasinghi, Ganjam District. The Tenders completed in all respect along with requisite documents and Earnest Money (Refundable) in shape of Bank Draft in favour of the SMC NODAL HIGH SCHOOL, PADMANABHAPUR HM & CHAIRPERSON payable at Bank State Bank of India, Branch Talasingi (Branch Code 9349). The Tender forms along with other particulars, the list of the items and details instruction can also be downloaded from the District Website **www.ganjam.nic.in.** Tender form should be submitted without EMD will be summarily rejected. Last date of receipt of tender form is up to 4.00 PM of dated 15.09.2019. The KGBV Level Purchase Committee meeting will be held on 16.09.2019 at 11.00 AM in this KGBV for opening of the Tender. Any SMC member/ office staffs related to the KGBV not allowed to participate as a bidder in tender process invited at KGBV level. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

**Sd./- H.M.-Cum- Member Convenor**
**KGBV, Padmanabhapur, Digapahandi Block**

**ପୌର ପରିଷଦ କାର୍ଯ୍ୟାଳୟ, ବଲାଙ୍ଗୀର**

ଏତଦ୍ୱାରା ବଲାଙ୍ଗୀର ପୌର ପରିଷଦର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମଳ ପରିଚାଳନା (FSSM_Faecal Sludge and Septage Management) ୨୦୧୮ ଅଧିନିୟମ ବଲାଙ୍ଗୀର ପୌର ପରିଷଦ ଦ୍ୱାରା ଅନୁମୋଦିତ ହୋଇ ରାଜ୍ୟ ସରକାରଙ୍କ ରାଜପତ୍ର (Odisha Gazette) ରେ ଗତ ତା୨୯।୦୭।୨୦୧୯ରିଖରେ ପ୍ରକାଶିତ ହୋଇଅଛି। ଏ ସମ୍ବନ୍ଧରେ ଯଦି କାହାର ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ଏକ ମାସ ମଧ୍ୟରେ ସେମାନେ ଆପତ୍ତି ଅଭିଯୋଗ ଓ ପରାମର୍ଶ ଲିଖିତ ଭାବରେ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଜଣାଇବେ। ଉକ୍ତ ଅବଧି ପରେ ପ୍ରାପ୍ତ ହୋଇଥିବା ଆପତ୍ତି, ଅଭିଯୋଗ ବା ପରାମର୍ଶ ବିଚାରକୁ ନିଆଯିବ ନାହିଁ।

**ସ୍ୱା./- ନିର୍ବାହୀ ଅଧିକାରୀ, ପୌରପରିଷଦ, ବଲାଙ୍ଗୀର**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗଣିଆ, ଜି.-ନୟାଗଡ଼**

**ବିଜ୍ଞାପନ**

**ସଂଖ୍ୟା.୨୧୩୮** **ତାରିଖ: ୦୬।୦୮।୨୦୧୯**

ଏତଦ୍ୱାରା ପଞ୍ଚାୟତ ସମିତି ଅଧିନସ୍ଥ ସମସ୍ତ ଗ୍ରାମର ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସାମାଜିକ ସମୀକ୍ଷା ଉତ୍ତର ଦାୟିତ୍ୱ ଓ ସ୍ୱଚ୍ଛତା ସମିତି (ଓସାଟ୍) ଦ୍ୱାରା ଗଣିଆ ପଞ୍ଚାୟତ ସମିତିର ୨୦୧୮–୧୯ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏ) ମାଧ୍ୟମରେ ୦୧।୦୪।୨୦୧୮ ଠାରୁ ୩୧।୦୩।୨୦୧୯ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଏବଂ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି) ପାଇଁ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗଣିଆ ଗ୍ରାମ ପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟସଭ୍ୟା, ଗ୍ରାମ ସଂଯୋଜକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗ୍ରାମପଞ୍ଚାୟତର ଜବ୍‌କାର୍ଡଧାରୀ, (IGNOAP, IGNWP, IGNDP, NFBS) ଓ ଅନ୍ନପୂର୍ଣ୍ଣା ହିତାଧିକାରୀମାନେ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

| ବ୍ଲକ | ଗ୍ରାମ ପଞ୍ଚାୟତର ନାମ | (ଏନ ଏସ ଏ ଏପି) | | ଏମଜିଏନଆରଇଜିଏ | | ଗ୍ରାମସଭା ତାରିଖ | ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର |
|---|---|---|---|---|---|---|---|
| | | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ | | |
| ଗଣିଆ | ଛାମୁଣ୍ଡିଆ | ୦୫।୦୯।୧୯ | ୦୮।୦୯।୧୯ | ୦୯।୦୯।୧୯ | ୧୮।୦୯।୧୯ | ୧୯।୦୯।୧୯ | ୬।୧୧।୧୯ |
| | କିଶୋରପ୍ରସାଦ | ୦୫।୦୯।୧୯ | ୦୮।୦୯।୧୯ | ୦୯।୦୯।୧୯ | ୧୮।୦୯।୧୯ | ୧୯।୦୯।୧୯ | |
| | କରଡାପଡା | ୦୫।୦୯।୧୯ | ୦୮।୦୯।୧୯ | ୦୯।୦୯।୧୯ | ୧୮।୦୯।୧୯ | ୧୯।୦୯।୧୯ | |
| | ଆଡକଟା | ୨୦।୦୯।୧୯ | ୨୩।୦୯।୧୯ | ୨୪।୦୯।୧୯ | ୦୩।୧୦।୧୯ | ୦୪।୧୦।୧୯ | |
| | ଗଣିଆ | ୨୦।୦୯।୧୯ | ୨୩।୦୯।୧୯ | ୨୪।୦୯।୧୯ | ୦୩।୧୦।୧୯ | ୦୪।୧୦।୧୯ | |
| | ରାସଙ୍ଗ | ୨୦।୦୯।୧୯ | ୨୩।୦୯।୧୯ | ୨୪।୦୯।୧୯ | ୦୩।୧୦।୧୯ | ୦୪।୧୦।୧୯ | |
| | ବଡସିଲିଙ୍ଗା | ୧୦।୧୦।୧୯ | ୧୩।୧୦।୧୯ | ୧୪।୧୦।୧୯ | ୨୩।୧୦।୧୯ | ୨୪।୧୦।୧୯ | |
| | ବେଲପଡାପାଟଣା | ୧୦।୧୦।୧୯ | ୧୩।୧୦।୧୯ | ୧୪।୧୦।୧୯ | ୨୩।୧୦।୧୯ | ୨୪।୧୦।୧୯ | |

**ଉକ୍ତ ଗ୍ରାମସଭାରେ ନିମ୍ନୋକ୍ତ ବିଷୟରେ ବିଶଦ ଭାବରେ ଆଲୋଚନା କରାଯିବ।**

କ) ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା–
୧. ପରିବାର ପଞ୍ଜୀକରଣ। ୨. କାର୍ଯ୍ୟପତ୍ର ବଣ୍ଟନ। ୩. ମଷ୍ଟରରୋଲରେ ଦର୍ଶିତ କାର୍ଯ୍ୟପତ୍ରଧାରୀ ଅଣକୁଶଳୀ ଶ୍ରମିକମାନଙ୍କର କି ନୁହେଁ ? । ୪.କାର୍ଯ୍ୟପତ୍ରଗୁଡିକରେ ଦର୍ଶାଯାଇଥିବା ବିବରଣୀ ମଷ୍ଟରରୋଲରେ ଦରଜ ହୋଇଛି କି ନାହିଁ ? । ୫. ମଷ୍ଟରରୋଲରେ କାର୍ଯ୍ୟଦିବସ ଅନୁସାରେ ହୋଇଥିବା କାର୍ଯ୍ୟର ପରିମାଣ ଓ ପ୍ରାପ୍ୟ ଠିକ୍ ଅଛି କି ନାହିଁ ? । ୬. ମଷ୍ଟରରୋଲ ପ୍ରୋଗ୍ରାମ ଅଧିକାରୀଙ୍କଦ୍ୱାରା ପ୍ରଦତ୍ତ ହୋଇଛି କି ନାହିଁ ? ।
ଖ) ଜାତୀୟ ସାମାଜିକ ସହାୟତା ଯୋଜନା –
୧. ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଜନସଚେତନତା। ୨. ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ତଥ୍ୟଗୁଡିକର କ୍ରିୟାଶୀଳ ପ୍ରକଟନ। ୩. ହିତାଧିକାରୀଙ୍କ ସତ୍ୟ ପ୍ରମାଣ। ୪. ଅଯୋଗ୍ୟ ହିତାଧିକାରୀ ଚିହ୍ନଟ। ୫. ଜାତୀୟ/ରାଜ୍ୟ ଯୋଜନା ଅନୁଯାୟୀ ଯୋଗ୍ୟ ହିତାଧିକାରୀ ଚିହ୍ନଟ।

**ସ୍ୱ./- ଗୋଷ୍ଠୀ ଉନ୍ନୟନ ଅଧିକାରୀ**
**ତଥା ପ୍ରୋଗ୍ରାମ ଅଧିକାରୀ, ଗଣିଆ, ଜି.-ନୟାଗଡ଼**

No. 130-B:

**OFFICE OF THE EXECUTIVE ENGINEER**
**CUTTACK (R&B) DIVISION NO.I: CUTTACK**
E-Mail I.D.-eepwdctc1.owd@gov.in
Tel./ Fax No.(0671)-2304128

**QUOTATION CALL NOTICE NO.04 of 2019-20**

Sealed Quotation from intending bidders are invited in plain paper for **Dismantling of existing 5nos of old residential buildings at Ambatota Colony, Mangalabag, Cuttack (As per list of works enclosed)** upto ground level on as is where is basis including removal of debris / dismantled materials both usable and unusable from the campus of the said buildings and complete clearance of site."

Interested parties having all demolishing machineries and equipments as per list enclosed against the concerned work may submit their quotations in sealed cover by personal delivery in the box placed for the purpose in the office of the undersigned / Regd. Post/ Speed Post by 3.00PM on or before **Dt.10/09/2019** stating therein that they are willing to abide by the specified terms & conditions of the department failing which the quotation(s) shall be rejected. **Earnest money mentioned in the list against the work** in shape of NSC / KVP / POSB Account / Deposit receipt of Nationalised Bank duly pledged in favour of the Executive Engineer, Cuttack (R&B) Division No.I, Cuttack, copy of GST & PAN should accompany the quotation, failing which the quotation will be rejected outright. The bidders have to furnish documents towards ownership / lease deed of the above machineries to be deployed in demolition work.

The Earnest money thus deposited shall be refunded to the unsuccessful quotationers after finalization of quotation process and the same shall be refunded to the successful quotationer only after receipt of a certificate from concerned SDO regarding complete removal of all materials & debris from the above said site.

Before quoting the cost, interested persons / parties may inspect the buildings/ structures and assess the profit / loss taking all incidental charges and cost of materials into account and quote the amount accordingly. Any complaint whatsoever as to mis-calculation / mis-judgment regarding profit / loss after quoting the amount shall not be entertained. The Quotations will be opened by the undersigned or Officer authorized by him on **Dt.10/09/2019** at 4PM in presence of person / parties who wish to attend. The highest quotationer whose quotation will be accepted by the competent authority will have to deposit the accepted amount in full together within 7(seven) days time and will thereafter on receiving clearance from the undersigned, demolish the structure upto ground level and remove the dismantled materials including debris within one month and clear-up the worksite failing which the materials left back shall be considered as property of Govt. and the entire EMD deposited shall be forfeited to the Govt. The undersigned reserves the right to reject any or all the quotations without assigning any reason thereof.

**LIST OF WORKS**

| Sl. No. | Name of Building at to be dismantled | Location | EMD to be deposited | List of machineries to be deployed for dismantling of structures & clearance of site |
|---|---|---|---|---|
| 1. | Qr. No.VI/1, Ambatota Colony, Mangalabag | Ambatota Colony, Mangalabag, Cuttack | 4,000/- | JCB-1nos, Tipper-1no, Tractor-1no with adequate labours |
| 2. | Qr. No.VI/2, Ambatota Colony, Mangalabag | | 4,000/- | JCB-1nos, Tipper-1no, Tractor-1no with adequate labours |
| 3. | Qr. No.VI/3, Ambatota Colony, Mangalabag | | 4,000/- | JCB-1nos, Tipper-1no, Tractor-1no with adequate labours |
| 4. | Qr. No.VI/7, Ambatota Colony, Mangalabag | | 4,000/- | JCB-1nos, Tipper-1no, Tractor-1no with adequate labours |
| 5. | Qr. No.VI/10, Ambatota Colony, Mangalabag | | 4,000/- | JCB-1nos, Tipper-1no, Tractor-1no with adequate labours |

Sd/- Er.M.R.Khan,
Executive Engineer,
Cuttack (R&B) Division No.I

34091/11/0005/1920

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED
**(A Government of Odisha Undertaking)**
**OFFICE OF THE GENERAL MANAGER (ELECT), EHT CONSTRUCTION CIRCLE, JAJPUR ROAD, AT: DHABALGIRI, PO: SOBRA-755019, DIST.- JAJPUR**
**Phone No. 06726-222123, Email:-ehtc.cle.jjp@optcl.co.in**

**Tender Call Notice No. 01/2019-20**

Sealed Tenders in duplicate are invited from the Manufacturers/Authorized Dealers/ Registered order suppliers having valid PAN & GST for "Supply of (i) 150 W LED flood light (for switchyard) (ii) 100 W LED light ( for Street Lighting ) in complete shape for illumination of 132/33 KV Grid Sub-Station, Betanoti". Cost of Tender Paper Rs. 4000/- +12% GST= Rs. 4,480/- (Non-refundable) and EMD @ 1% of the quoted price including GST is to be submitted in shape of DD drawn in favour of EHT(Construction) Circle, Jajpur Road payable at Jajpur Road. The sale of tender documents is from 30.08.19 (10.00AM) up to 20.09.19 (05.30 PM). The Tender paper shall be received up to 01.00 PM of 21.09.2019 and will be opened on the same day at 3.00 PM. For details please visit our website: **www. optcl.co.in.** Corrigendum if any will be published in the website only.

Sd./- General Manager (Elect.), EHT (Const.) Circle, Jajpur Road

**COLLECTORATE, KEONJHAR**

SHORT TENDER CALL NOTICE

33-F

No 657 / Dt. 26/08/2019

Collectorate, Keonjhar invites sealed tenders from interested and reputed suppliers for supplying of **COMPUTER, UPS, KEY BOARD, PRINTER, SCANNER, INVERTOR, MOUSE, PORJETOR, RJ CLIP and FURNITURE** etc.

The details can be downloaded from the official website **www.kendujhar.nic.in.**

The last date of submission of Tender documents is upto 01.30 PM dt.17.09.2019

26.8.19
Addl. District Magistrate
Keonjhar

**24046/11/0001/1920**

**OFFICE OF THE NOTIFIED AREA COUNCIL, NIMAPARA**

**e- Procurement Notice No.1455 dt.27.08.2019**
**Tender Reference No. NP-NAC-33/ 2019-20.**

The Nimapara N.A.C. invites online bid in single cover system through e-Procurement.

| | | |
|---|---|---|
| Total Numbers of work | : | 2 (Two) Nos. |
| Value of works | : | Rs.44,27,435/- to Rs. 45,82,891/- |
| Date and time of availability of bid documents in the portal from | : | 29.08.2019 at 10.00 A.M. up to 12.09.2019 at 5.00 P.M. |
| Last date of receipt of bids in the portal | : | dt.12.09.2019 upto 5.00 P.M. |
| Last date of submission of original documents in this office is | : | dt.17.09.2019 upto 5.00 P.M. |
| Date of opening of tender | : | dt. 18.09.2019 at 11.00 A.M. in N.A.C., Office Nimapara |

Further details can be seen from the website:- **www. tendersorissa.gov.in**

**Sd./- Executive Officer**
**N.A.C., Nimapara**

**BHUBANESWAR DEVELOPMENT AUTHORITY**
**AKASH SHOVA BUILDING,**
**SACHIVALAYA MARG, BHUBANESWAR-751001**

**Advertisement No. 20072 / BDA** **Dated the 28th 08, 2019**
**OE-IV-03/19**

Applications are invited from the eligible candidates for recruitment to the following post of Jr. Stenographer for ST category in Bhubaneswar Development Authority, Bhubaneswar. The application duly filled in should be affixed with two passport size photographs duly attested on the front side and accompanied by requisite Xerox copies of the certificates duly attested by a Gazetted Officer in support of educational qualifications and experience. The application alongwith documents should be sent in a sealed envelope superscribing the name of the post applied for, by Registered Post/Speed Post/Courier so as to reach the Secretary, Bhubaneswar Development Authority, Akash Sova Building, Sachivalaya Marg, Bhubaneswar-751001 on or before 30.09.2019.

Any application received beyond the stipulated date or incomplete in any respect is liable for rejection.

| Sl. No. | Name of the Post | Pay Matrix | No. of post | Reservation |
|---|---|---|---|---|
| 1 | Jr. Stenographer | Level-7 | 01 | ST |

Bio-data in prescribed format (Annexure-A) alongwith two recent passport size photograph, proof of residence, attested copies of educational qualification with mark sheet, character certificate from a Gazetted Officer and copies of work experience if any should be sent to the Secretary, BDA. The detail guidelines indicating the terms and conditions, applications for last date of submission of application etc. can be down loaded from BDA Website **bda.gov.in.**

**Sd./- Secretary**
**Bhubaneswar Development Authority, Bhubaneswar**

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଅଗଷ୍ଟ ୨୯/୨୦୧୯ Balasore, Thursday, August 29/2019

## ସଂକ୍ଷେପରେ

### ଆଜି ବସ୍ ଚଳାଚଳ ବନ୍ଦ

ଭଦ୍ରକ ଅଫିସ, ୨୮।୮ - ଭଦ୍ରକ ଜିଲା ଭିତରେ ଗୁରୁବାର ଦିନିକିଆ ବସ୍ ଚଳାଚଳ ବନ୍ଦ ରହିବ ବୋଲି ବସ୍ ସିଣ୍ଡିକେଟ୍ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଜିଲାର ବିଭିନ୍ନ ରୁଟ୍‌ରେ ବେଆଇନ ଭାବେ ବିନା ପରମିଟ୍‌ରେ ଟାଟାଏସି, ମେକ୍ସିମା, ଟ୍ରେକର ଓ ସବାରୀ ଆଦି ଗାଡ଼ି ଚଳାଚଳ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ ଜିଲା ପରିବହନ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଫଳରେ ଘରୋଇ ବସ୍ ମାଲିକମାନେ ସେମାନଙ୍କ ରୁଟ୍‌ରେ ପରମିଟ୍ ଥାଇ ମଧ୍ୟ କ୍ଷତି ସହୁଛନ୍ତି। ଏଣୁ ପୂର୍ବ ସୂଚନା ମୁତାବକ ସେମାନେ ଗୁରୁବାର ଦିନକ ପାଇଁ ଜିଲାର ବିଭିନ୍ନ ବ୍ଲକ ମୁଖ୍ୟାଳୟ ଓ ଅନ୍ୟାନ୍ୟ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ କରିବେ ବୋଲି ଘୋଷଣା କରିଛନ୍ତି।

### ପାଣିରେ ବୁଡ଼ି ଶିଶୁକନ୍ୟା ଜୀବନ ଗଲା

ରୁପ୍‌ସା,୨୮।୮(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଛାନୁଆ ଗ୍ରାମରେ ମଙ୍ଗଳବାର ପାଣିରେ ବୁଡ଼ି ଜଣେ ୨ବର୍ଷର ଶିଶୁକନ୍ୟା ପ୍ରାଣ ହରାଇଛନ୍ତି। ମୃତ ଶିଶୁକନ୍ୟା ହେଲେ ସୁଜିତ ନନ୍ଦୀଙ୍କ କନ୍ୟା ରାକ୍ଷୀ। ସେ ପରିବାର ଲୋକଙ୍କ ସହ ଚାଷ ଜମିକୁ ଯାଇଥିଲେ। ଅସାବଧାନତା ବଶତଃ ପାଣି ଭର୍ତ୍ତି ଜମିରେ ବୁଡ଼ି ଯାଇଥିଲେ। ଶିଶୁକନ୍ୟାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ପୁଣେରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ରୂପ୍‌ସା,୨୮।୮(ଡି.ଏନ.ଏ.)- ପୁଣେ ଠାରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବା ଜଣେ ଓଡ଼ିଆ ଯୁବକଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସୁଲପଟା ଗ୍ରାମର ମୃତ୍ୟୁଞ୍ଜୟ ବେହେରା (୪୧)। ସେ ୧୫ବର୍ଷ ଧରି ପୁଣେ ସ୍ଥିତ ତାରିଣୀ ଷ୍ଟିଲ୍‌ସ ନାମକ ଏକ କମ୍ପାନୀରେ କାମ କରୁଥିଲେ। ରବିବାର ନାଇଟ୍ ଡ୍ୟୁଟି କରୁଥିବା ସମୟରେ ଦୁର୍ଘଟଣା ଘଟବାରୁ ଏକ ମେସିନ୍‌ର ୨ଟନ୍ ଓଜର କଏଲ୍ ତାଙ୍କ ଗୋଡ଼ ଉପରେ ପଡ଼ିଥିଲା। ସେ ଗୁରୁତର ଆହତ ହେବା ସହ ୨ଟି ଯାକ ଗୋଡ଼ କଟି ଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଏକ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ହେଲେ ମଙ୍ଗଳବାର ରାତ୍ରରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି କମ୍ପାନୀରେ କାର୍ଯ୍ୟରତ ସୁଲପଟା ଅଞ୍ଚଳର ଯୁବକମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ବୁଧବାର କମ୍ପାନୀ ଗେଟ୍ ସମ୍ମୁଖରେ ଆନ୍ଦୋଳନ କରିଥିବା ଜଣାପଡ଼ିଛି।

### ଅବକାରୀ ଚଢ଼ାଉ : ମଦ ଜବତ, ୨ ଗିରଫ

ଭଣ୍ଡାରିପୋଖରୀ, ୨୮।୮(ଡି.ଏନ.ଏ.)- ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ଓ ମଞ୍ଜୁରୀଠାରେ ବୁଧବାର ଅବକାରୀ ବିଭାଗ ଚଢ଼ାଉ କରି ଦେଶୀ ଓ ବିଦେଶୀ ମଦ ଜବତ ସହ ୨ ଜଣଙ୍କୁ ଗିରଫ କରିଛି। ମଞ୍ଜୁରୀଠାରେ ଚୋରାମଦ ବିକ୍ରି କରୁଥିବା ଅଭିଯୋଗରେ ଦେବେନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ୫ ଲିଟର ଦେଶୀ, ଆପ୍କାଫଂଟି ମଦ ଜବତ କରାଯାଇଛି। ସେହିପରି ମଣିନାଥପୁରଠାରେ ଚୋରାମଦ ବିକ୍ରେତା ଶ୍ରୀଧର ସ୍ୱାଇଁଙ୍କଠାରୁ ଅବକାରୀ ବିଭାଗ ୩ ଲିଟର ୬୦ ମିଲି ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲା। ଦୁଇ ଚୋରାମଦ ବିକ୍ରେତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

**ଚୋରା ବେପାରୀ ଗିରଫ**
- ଅସଲ ସୌଦାଗରଙ୍କ ଟେର ପାଉନି ପୋଲିସ
- ବାଂଲାଦେଶରୁ ଲମ୍ବିଛି ର୍‍ୟାକେଟର ଟେର

ବସ୍ତା,୨୮।୮(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବସ୍ତା ଓ ଆଖ ପାଖ ଅଞ୍ଚଳରେ ବ୍ରାଉନସୁଗାର ଚୋରା କାରାବାର ଦିନକୁ ଦିନ ବ୍ୟାପକ ହେବରେ ଲାଗିଛି। ବୁଧବାର ବସ୍ତା ପୋଲିସ ଚଢ଼ାଉ କରି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ସେକ ଆଲାମଉଦ୍ଦିନ ଓରଫ ବାଗୁଲୁ (୨୭) କୁ ଗିରଫ କରାଯାଇଛି। ବ୍ରାଉନସୁଗାର ଚୋରା କାରାବାର ଘଯଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ଲାଗି ଧରପଗଡ ଚାଲିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ବସ୍ତା ଥାନା ଅନ୍ତର୍ଗତ ସଦାନନ୍ଦପୁର ପଞ୍ଚାୟତର ସଦାନନ୍ଦପୁର ଗ୍ରାମରେ ବ୍ରାଉନସୁଗାର ବିକ୍ରି ହେଉଥିବା ବିଶ୍ୱସ୍ତସୂତ୍ରରୁ ଖବରପାଇ ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସେହି ଗ୍ରାମର ସେକ ଆଲାମଉଦ୍ଦିନ ଓରଫ ବାଗୁଲୁ (୨୭)ଙ୍କ ଘରେ ଚଢାଉ କରିଥିଲା। ମାଜିଷ୍ଟ୍ରେଟ ଭାବେ ବସ୍ତା ବିଡ଼ିଓ ଉପସ୍ଥିତ ଥିଲେ। ଏହି ଚଢ଼ାଉ ବେଳେ ତାଙ୍କ ଘରୁ ୧୦୫ ଗ୍ରାମ ଓଜନ୍‌ର ବ୍ରାଉନସୁଗାର ଜବତ କରାଯିବା ସହ ଅଭିଯୁକ୍ତ ଆଲାମଉଦ୍ଦିନକୁ ଗିରଫ କରାଯାଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ. ୨୨୫।୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ। ଉଲ୍ଲେଖନୀୟ ଯେ, ଗତ ଡିସେମ୍ବର ୨୪ ତାରିଖରେ ସେହି ଗ୍ରାମରେ କେନ୍ଦ୍ରୀୟ ଅବକାରୀ ବିଭାଗ ଚଢ଼ାଉ କରି ୧୫୫ ଗ୍ରାମ ଓଜନ୍‌ର ବ୍ରାଉନସୁଗାର ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ବୋଲି ଅନୁମାନ କରାଯାଇଥିଲା। ପଶ୍ଚିମବଙ୍ଗ ଦେଇବାଂଲଶ ଦେଶରୁ ବ୍ରାଉନସୁଗାର ଭଳି ମାରାତ୍ମକ ନିଶାଦ୍ରବ୍ୟ ବାଲେଶ୍ୱରକୁ ଅଣାଯାଇ ଏଠାରୁ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିବା ଜଣାପଡିଛି। ହେଲେ ଏହି ଚୋରା ଚାଲାଣର ଅସଲ ସୌଦାଗରଙ୍କୁ ପୋଲିସ କିମ୍ବା ଅବକାରୀ ବିଭାଗ ଧରି ପାରୁ ନାହିଁ। କାଁଭାଁ ଚଢାଉରେ ପୋଲିସକୁ ସଫଳତା ମିଳୁଥିଲେ ମଧ୍ୟ ଏହାର କାରବାରକୁ ରୋକାଯାଇ ପାରୁ ନାହିଁ।



ବ୍ରାଉନସୁଗାର ସହ ଗିରଫ ଅଭିଯୁକ୍ତ।

# ୫ଦିନର ଶିଶୁକନ୍ୟା ସହ ୨ ପିଲା ଓ ମା' ଉଦ୍ଧାର

ସଜନାଗଡ଼,୨୮।୮(ଡି.ଏନ.ଏ.)- ଦାରିଦ୍ର୍ୟର ତାଡ଼ନା ସହି ନ ପାରି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପିଠାଅତା ଅଞ୍ଚଳର ଜଣେ ମହିଳା ନବଜାତ ୫ ଦିନର ଶିଶୁକନ୍ୟାଙ୍କୁ ଲାଳନପାଳନ କରିବାରେ ଅସମର୍ଥ ହୋଇ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦାନ କରି ଦେଇଥିଲେ। ଏପରି ଅଭାବନୀୟ ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବୁଧବାର ଖଇରା ଚାଇଲ୍ଡ ଲାଇନ୍ କର୍ମକର୍ତ୍ତା ପୋଡ଼ାଶୂଳ ଡାହିସାହି ଗ୍ରାମର ରଣଜିତ ସିଂଙ୍କ ଘରେ ପହଞ୍ଚି ୫ଦିନର ଶିଶୁକନ୍ୟା ସମେତ ତାଙ୍କ ମା'ଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନେ ମହିଳାଙ୍କ ସହ ତାଙ୍କ ବାପଘର ଗରଡ଼ିହି ପଞ୍ଚାୟତ କୁଞ୍ଜିବଣିଆ ଗ୍ରାମର ଘନ ସିଂଙ୍କ ଘରକୁ ଯାଇ ତାଙ୍କ ପ୍ରଥମ ପୁତ୍ରକୁ ଉଦ୍ଧାର କରିଥିଲେ। ଉଦ୍ଧାର ଶିଶୁ ଓ ମା'ଙ୍କୁ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିରେ ରଖାଯାଇଛି। ଖଇରା ଚାଇଲ୍ଡ ଲାଇନ୍ ଟିମ୍‌ର ତପସ୍ୱିନୀ ରାଉତ, ଜ୍ୟୋତି ପ୍ରକାଶ କର ଏହି ଉଦ୍ଧାର ଅଭିଯାନରେ ସାମିଲ ହୋଇଥିଲେ।

# କୁସୁନପୁରରେ ପଶିଲେ ୨ ହାତୀ

ଘଟଗାଁ, ୨୮।୮(ଡି.ଏନ.ଏ.)-ଘଟଗାଁ ରେଞ୍ଜ ଅନ୍ତର୍ଗତ କୁସୁନପୁର ଗ୍ରାମର ଜଙ୍ଗଲ ପାର୍ଶ୍ୱ ମାଝୀ ସାହିରେ ୨ ବଣୁଆ ହାତୀ ରହିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବୁଧବାର ଜଙ୍ଗଲ ମଧ୍ୟରୁ ହାତୀଦଳରୁ ଅଲଗା ହୋଇ ଗୋଟିଏ ଦନ୍ତା ହାତୀ ଓ ଗୋଟିଏ ମାଈ ହାତୀ କୁସୁନପୁର ମାଝୀ ସାହିକୁ ପଶି ଆସିଥିଲେ। ଲୋକେମାନେ ଦୁଇ ହାତୀଙ୍କୁ ଦେଖି ଜଙ୍ଗଲ ବିଭାଗକୁ ଜଣାଇବା ପରେ କର୍ମଚାରୀମାନେ ହାତୀଙ୍କୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଥିଲେ। ହାତୀ ଦୁଇଟି କୁସୁନପୁର ଗ୍ରାମର ୨୦୦ ମିଟର ଦୂର ଜଙ୍ଗଲ ପାର୍ଶ୍ୱରେ ରହିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଭୁବନେଶ୍ୱର ଓ କେନ୍ଦୁଝରରୁ ଗଜରାଜ ଉଦ୍ଧାରକାରୀ ଦଳ ପହଞ୍ଚି ସେମାନଙ୍କୁ ଜଗି ରହିଛନ୍ତି। ଉଲ୍ଲେଖନୀୟ ଯେ, ଗତ ୨୧ ତାରିଖରେ ଘଟଗାଁ ନିକଟସ୍ଥ ବାଲିଯୋଡ଼ି ୨୦ନମ୍ବର ଜାତୀୟ ରାଜପଥ ଉପରେ ବସ୍ ଓ ଟ୍ରକ ଧକ୍କାରେ ୩ ହାତୀ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ସେଥିଲାଗି ୨ ହାତୀଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଶିମିଳିପାଳରୁ ଶମ୍ବର ଶିକାର

**୨ ଶିକାରୀ ଗିରଫ, ମାଂସ ସହ ଧନୁତୀର ଜବତ**

ଠାକୁରମୁଣ୍ଡା,୨୮।୮(ଡି.ଏନ୍.ଏ.)-

ଠାକୁରମୁଣ୍ଡା ରେଞ୍ଜ ମଣ୍ଡଳଝରୀ ବିଟ୍ ଶିମିଳିପାଳ କମ୍ପାର୍ଟମେଣ୍ଟ ନଂ-୩ ସଂରକ୍ଷିତ ଜଙ୍ଗଲରୁ ବୁଧବାର ସକାଳେ ଏକ ଶମ୍ବର ଶିକାର କରି ଫେରୁଥିବା ସମୟରେ ୨ ଶିକାରୀ ବନବିଭାଗ ଦ୍ୱାରା ଧରାପଡିଛନ୍ତି। ଶିକାରୀ ଦ୍ୱୟ ହେଲେ କାରେଟବେଡା ଗ୍ରାମର ଲବ ସୋରେନ ଓ ଫୋର୍ମଲ ମୁର୍ମୁ। ସେମାନଙ୍କଠାରୁ ୪ କେ.ଜି ମାଂସ ସହ ଧନୁ ଓ ତୀର ଜବତ ହୋଇଛି। ବନ ବିଭାଗର ଚଢାଉ ଦେଖି ଆଉ କିଛି ଶିକାରୀ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିବା ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ପ୍ରଭାତ କୁମାର କୁଅଁର ସୂଚନା ଦେଇଛନ୍ତି।

ବନ ବିଭାଗର ସୂଚନା ଅନୁଯାୟୀ, କେଶଡ଼ିହା ପଞ୍ଚାୟତ ଅନ୍ତର୍ଗତ କାରକେଟବେଡା ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲ ଭିତରକୁ ମଙ୍ଗଳବାର ଜନ୍ତୁ ଶିକାର କରିବାକୁ ଶିକାରୀମାନେ ପଶିଥିବା ବନ ବିଭାଗକୁ ସୂଚନା ମିଳିଥିଲା। ବିଭାଗୀୟ କର୍ମଚାରୀମାନେ ଜଙ୍ଗଲକୁ ଯାଇ ଶିକାରୀମାନଙ୍କୁ ଖୋଜି ନ ପାଇ ସେମାନଙ୍କ ଫେରିବା ବାଟକୁ ଜଗି ରହିଥିଲେ। ଭୋର ସମୟରେ ଶିକାରୀମାନେ ଏକ ଶମ୍ବର ଶିକାର କରି ତା'ର ମାଂସ କାଟି ସାଙ୍ଗରେ ଧରି ଫେରୁଥିବା ବେଳେ ଜଗି ରହିଥିବା ବନ କର୍ମଚାରୀଙ୍କ ହାବୁଡ଼ରେ ପଡି ଯାଇଥିଲେ। ଶିକାରୀମାନଙ୍କ ମଧ୍ୟରୁ ୨ ଜଣ ଧରା ପଡିଥିବାବେଳେ ୫ ଜଣ ଖସି ପଳାଇ ଯାଇଥିଲେ। ଏଥିନେଇ ବନବିଭାଗ ଏକ ମାମଲା (ନଂ.୮୯/୧୯) ରୁଜୁ କରି ଗିରଫ ୨ ଶିକାରୀଙ୍କୁ କୋର୍ଟଚାଲାଣ କରିଛି। ଶିକାରୀମାନଙ୍କୁ ଧରିବାକୁ ଫରେଷ୍ଟର ତପନ ମହାନ୍ତ, ବିଶ୍ୱଜିତ ମହାନ୍ତ, ଗୁନାରାମ ସିଂ ଖୁଣ୍ଟିଆ, ପ୍ରମାଦ ମହାନ୍ତଙ୍କ ନେତୃତ୍ୱରେ ଚମ୍ପାଝର, କେଶଡିହା, ଠାକୁରମୁଣ୍ଡାର ବନ କର୍ମଚାରୀମାନେ ସାମିଲ ଥିଲେ।



ବନ ବିଭାଗ କର୍ମଚାରୀମାନଙ୍କ ସହ ଗିରଫ ୨ ଶିକାରୀ।







# ଖଡ଼ଗପୁର-ଯାଜପୁର ରୋଡ ମେମୁ ଟ୍ରେନକୁ କେନ୍ଦୁଝର ପର୍ଯ୍ୟନ୍ତ ଚଲାଇବାକୁ ଦାବି

କେନ୍ଦୁଝର, ୨୮।୮ (ସ୍ୱ.ପ୍ର.)

ପୂର୍ବତଟ ରେଳପଥର ନିଷ୍ପତ୍ତିକ୍ରମେ ଖଡଗପୁରରୁ ଯାଜପୁର-କେନ୍ଦୁଝର ରୋଡରେ ଖଡଗପୁର ପାସେଞ୍ଜର ଟ୍ରେନ ପରିବର୍ତ୍ତେ ନୂଆ ମେମୁ ଟ୍ରେନ ଚଳାଚଳ ବୁଧବାରଠାରୁ ଆରମ୍ଭ ହୋଇଛି। ତେବେ ଏହି ଟ୍ରେନକୁ କେନ୍ଦୁଝର ପର୍ଯ୍ୟନ୍ତ ଚଲାଇଲେ କେନ୍ଦୁଝର ବାସୀ ଉପକୃତ ହେବା ସହ ରେଳ ବିଭାଗର ରାଜସ୍ୱ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଉଛି।

ପ୍ରକାଶ ଯେ, ବହୁ ଆଗରୁ କେନ୍ଦୁଝର ଜିଲାକୁ ରେଳପଥ ସଂଯୋଗ ନ ଥିବାବେଳେ କେନ୍ଦୁଝରବାସୀ ଯାଜପୁର ରୋଡ ଷ୍ଟେଶନ ଉପରେ ପ୍ରାୟତଃ ନିର୍ଭର କରୁଥିଲେ। ସୂଚନାଯୋଗ୍ୟ ଏହି ଷ୍ଟେଶନ ଉପରେ ଯାଜପୁର ଓ କେନ୍ଦୁଝର ଜିଲା ଲୋକେ ନିର୍ଭର କରୁଥିବାରୁ ଏହାର ନାମ ଯାଜପୁର-କେନ୍ଦୁଝର ରୋଡ ଭାବରେ ନାମିତ ହୋଇଥିଲା। କେନ୍ଦୁଝର ଠାରୁ ପ୍ରାୟ ୧୦୦ କି.ମି. ଦୂରରେ ଅବସ୍ଥିତ ଏହି ରେଳ ଷ୍ଟେଶନ ଦେଇ କେନ୍ଦୁଝରବାସୀ ଟ୍ରେନରେ ଖଡଗପୁର, କୋଲକାତା, ନୂଆଦିଲ୍ଲୀ ଆଦି ଅଞ୍ଚଳକୁ ଯାତ୍ରା କରିଥାନ୍ତି। କେତେକେ ଏଠାରୁ ପ୍ରାୟ ୨୦୦ କି.ମି. ଦୂର ଟାଟାନଗର ଦେଇ ଉପରୋକ୍ତ ସ୍ଥାନକୁ ଯାତ୍ରା କରୁଛନ୍ତି। ଯାତାୟାତର ସୁବିଧା ଦୃଷ୍ଟିରୁ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନ ସମସ୍ତଙ୍କ ପାଇଁ ସୁବିଧାଜନକ। ଏଣୁ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନରୁ ଉକ୍ତ ଖଡଗପୁର ମେମୁ ଟ୍ରେନକୁ କେନ୍ଦୁଝର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଗଲେ ବହୁ ଯାତ୍ରୀ ଉପକୃତ ହୋଇ ପାରନ୍ତେ ବୋଲି ମତ ପ୍ରକାଶ ପାଉଛି। କେନ୍ଦୁଝର ରାସ୍ତାପଥରେ ଦୈନିକ ହଜାର ହଜାର ସଂଖ୍ୟାରେ ଲୁହାପଥର ତଥା ଅନ୍ୟ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାରେ ଯାତାୟାତ କରିବା ସୁରକ୍ଷିତ ହେଉନାହିଁ। ଅଧିକାଂଶ ସମୟ ଏନ୍‌ଏଚ୍ ୨୦ରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଛି। ଏଣୁ ଯାଜପୁର-କେନ୍ଦୁଝର ରୋଡକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କଲେ ଲୋକେ ସୁରକ୍ଷିତ ଯାତାୟତ କରିପାରନ୍ତେ ବୋଲି ମତ ପ୍ରକାଶ ପାଉଛି। ସୁକିନ୍ଦା ରୋଡରୁ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନକୁ ୨୦୧୪ ମସିହାରୁ ରେଳ ସଂଯୋଗ ହୋଇଛି ଏବଂ ଏହି ଲାଇନରେ ଲୁହାପଥର ବୋଝେଇ ଟ୍ରେନ ଚଳାଚଳ କରିଆସୁଛି। ସେହିପରି କେନ୍ଦୁଝରରୁ ସୁକିନ୍ଦାରୋଡକୁ ରେଳ ସଂଯୋଗ ହୋଇ ରେଳ ଚଳାଚଳ କରିଆସୁଛି। ଏଣୁ ଉକ୍ତ ମେମୁ ଟ୍ରେନକୁ କେନ୍ଦୁଝର ଷ୍ଟେଶନ ପର୍ଯ୍ୟନ୍ତ ଚଳାଚଳ କରାଗଲେ ଏବଂ ଏକ ଲିଙ୍କ ଟ୍ରେନ ଟାଟାରୁ ଯାଜପୁର-କେନ୍ଦୁଝର ରୋଡକୁ ଚଳାଚଳ କଲେ ରେଳ ବିଭାଗ ବହୁ ରାଜସ୍ୱ ପାଇପାରିବ ଏବଂ ଲୋକେ ସୁରକ୍ଷିତ ଟ୍ରେନ ଯାତ୍ରା କରିପାରନ୍ତେ ବୋଲି କେନ୍ଦୁଝରର ପ୍ରଦୀପ ମହାନ୍ତି ମତବ୍ୟକ୍ତ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଯାଜପୁର - କେନ୍ଦୁଝର ରୋଡ ଷ୍ଟେଶନ ଦେଇ ଦୈନିକ ବହୁ ଟ୍ରେନ ଚଳାଚଳ କରୁଥିବାରୁ କଟକ, ଭୁବନେଶ୍ୱର, ପୁରୀ, ଭଦ୍ରକ, ବାଲେଶ୍ୱରକୁ ମଧ୍ୟ ଲୋକ ମାନେ ସୁବିଧାରେ ଯାତାୟାତ କରିପାରିବେ।

# ତେଲ ଟ୍ୟାଙ୍କରରୁ ଚୋରା କେନ୍ଦୁପତ୍ର ଜବତ



ଜବତ ଟ୍ୟାଙ୍କର।

ସଜନାଗଡ଼/ସୋର/ ବାହାନଗା, ୨୮।୮ (ଡି.ଏନ.ଏ.)-ଅଭିନବ ଉପାୟରେ କେନ୍ଦୁପତ୍ର ଚୋରାଚାଲାଣ ହେବା ଘଟଣା ପଦାକୁ ଆସିଛି। ବୁଧବାର ଏକ କମ୍ପାନୀର ତେଲ ଟ୍ୟାଙ୍କରରେ କେନ୍ଦୁପତ୍ର ଲୋଡ଼ ହୋଇ ଆସୁଥିବା ବନବିଭାଗ ବିଶେଷ ସୂତ୍ରରୁ ଖବରପାଇଥିଲା। ବାଲେଶ୍ୱର ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ କୁଲଡ଼ିହା ରେଞ୍ଜର ତଥା ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ ସଦଳବଳ ସୋର ଥାନାଧିକାରୀଙ୍କ ସାହାଯ୍ୟରେ ୫ନଂ. ଜାତୀୟ ରାଜପଥ ବାରିକପୁର ସ୍ଥିତ ଏକ ଢାବା ନିକଟରେ ରାସ୍ତାକଡ଼ରେ ଅଟକିଥିବା ତେଲଟ୍ୟାଙ୍କର(ନଂ. ନମ୍ବର ଓଆର୍-୦୫ଡ଼ି-୩୧୮୫)କୁ ସନ୍ଦେହ କରି ଯାଞ୍ଚ କରାଯାଇଥିଲା। ସେତେବେଳେ ଗାଡ଼ି ଚାଳକ କିମ୍ବା ହେଲପର୍ ନ ଥିଲେ। ତନଖି କରିବାରୁ ଟ୍ୟାଙ୍କରରେ ବିଡ଼ା ବିଡ଼ା କେନ୍ଦୁପତ୍ର ରହିଥିବା ଜଣାପଡିଥିଲା। ପରେ ଟ୍ୟାଙ୍କରକୁ ଜବତ କରି ନୀଳଗିରି କୁଲଡ଼ିହା ରେଞ୍ଜର ଅଫିସ୍‌କୁ ଅଣାଯାଇ ସେଥିରୁ କେନ୍ଦୁପତ୍ର ଜବତ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ପାଖାପାଖି ହେବ। ଏନେଇ ଏକ ମାମଲା (ନଂ. ୨୧/୧୯) ରୁଜୁ କରାଯାଇଥିବା ବନ ବିଭାଗ କହିଛି। ଏହି କେନ୍ଦୁପତ୍ର ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା ବୋଲି କୁହାଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ଗୁରୁବାର, ୨୯ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

### ନୂତନ ରୋଟାରାକ୍ଟ କ୍ଲବ ଗଠିତ

ଭଦ୍ରକ ଅଫିସ, ୨୮।୮: ଭଦ୍ରକ ରୋଟାରୀ କ୍ଲବ ଆନୁକୂଲ୍ୟରେ ୧୮ରୁ ୩୦ ବର୍ଷର ୩୦ ଜଣ ଯୁବପିଢ଼ିଙ୍କୁ ନେଇ ଏକ ନୂତନ ରୋଟାରାକ୍ଟ କ୍ଲବ ଗଠିତ ହୋଇଛି। ଭଦ୍ରକ ରୋଟାରୀ କ୍ଲବ ପରିସରରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଭିଷ୍ଣୁରଞ୍ଜନ ପଣ୍ଡା, ସମ୍ପାଦକ ତଥାଗତ ଦାସ, ଉପସଭାପତି ଭାବେ ଅଜିତ ମହାପାତ୍ର, ଦେବାଶିଷ ବେହେରା, ସହସମ୍ପାଦକ ସୌମ୍ୟରଞ୍ଜନ ଭୂୟାଁ ଏବଂ ଟ୍ରେଜର ଭାବେ ଜୟକିଶନ ଦାସ ନିର୍ବାଚିତ ହୋଇଛନ୍ତି। ରୋଟାରାକ୍ଟ କ୍ଲବର ଚେୟାରମ୍ୟାନ ମର୍ଙ୍ଗିଲାଲ ବଲଦେବା, ମେଣ୍ଟର ଜୟନ୍ତ ବାରିକ, ସଭାପତି ସୁଧିରଞ୍ଜନ ନାୟକ ଓ କ୍ଲବ ଟ୍ରେନର ମନୋଜ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ୪ ୱାରେଣ୍ଟି ଗିରଫ

ବନ୍ତ,୨୮।୮(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ୪ ଜଣ ୱାରେଣ୍ଟିଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତାଳବାଙ୍କ ଗ୍ରାମର ଗୌରା ମୁଣ୍ଡା, ଗଙ୍ଗା ମୁଣ୍ଡା, ମାଳତୀ ମୁଣ୍ଡା ଓ ଟିଲୋ ଗ୍ରାମର କାଳନ୍ଦୀ ଜେନା। ୨୦୦୭ ମସିହା କେଶ୍‌ରେ ସମ୍ପୃକ୍ତ ଏହି ବ୍ୟକ୍ତିମାନେ କୋର୍ଟରେ ହାଜର ହୋଇ ନ ଥିବା କାରଣରୁ ସେମାନଙ୍କ ନାମରେ ୱାରେଣ୍ଟ ଥିଲା ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି।

### ଉର୍ସ ଉତ୍ସବ ପ୍ରସ୍ତୁତି

ଭଦ୍ରକ ଅଫିସ, ୨୮।୮: ଭଦ୍ରକ ପୁରୁଣାବଜାରସ୍ଥିତ ମିର୍ଜାପୁର ଖାନ୍‌କା କୁଦ୍ଦୁସୀୟାଠାରେ ମୁଫ୍‌ତି-ଏ-ଆଜମ୍ ମୌଲାନା ସୈୟଦ ଅବଦୁଲ କୁଦ୍ଦୁସଙ୍କ ରୌପ୍ୟ ଜୟନ୍ତୀ ଉର୍ସ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲହାଜ ସୈୟଦ ଅତା ମୋହିଉଦ୍ଦିନ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ନଭେମ୍ବର ୨ ଓ ୩ ତାରିଖରେ ଏହି ଉତ୍ସବ ପାଳନ କରାଯିବ। ଦେଶ ଓ ଦେଶ ବାହାରୁ ଅନେକ ବିଦ୍ୱାନ ଉଲେମା ଓ ପ୍ରତିଷ୍ଠିତ କବି ଏଥିରେ ଯୋଗଦେବେ ବୋଲି ବୈଠକରେ କୁହାଯାଇଥିଲା। ଖାନ୍‌କାହର ଓଲିଅହଦ ସୈୟଦ ଅରଫେ ରସୁଲ ଅଜହରୀ କହିଥିଲେ, ମୁଫ୍‌ତି-ଏ-ଆଜମ୍ ଓଡ଼ିଶା ଇସ୍‌ଲାମୀ ଶରୀୟତ୍‌ର ପୃଷ୍ଠପୋଷକ ଥିଲେ, ତାଙ୍କ ଉର୍ସ ମଧ ଶରୀୟତ୍ ଅନୁଯାୟୀ ପାଳନ କରାଯିବ। ଆଲ୍‌ହାଜ ସୈୟଦ ଫଜ୍‌ଲେ ରସୁଲ ଉର୍ସର ପ୍ରସ୍ତୁତି ବୈଠକ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କୋରାନ ପାଠ କରାଯାଇ ନାତ୍ ଶରିଫ୍ ଆବୃତ୍ତି କରାଯାଇଥିଲା। ବହୁସଂଖ୍ୟାରେ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି କମିଟିର ସାଙ୍ଗଠନିକ ସମ୍ପାଦକ ଅଲ୍‌ହାଜ୍ ଉସ୍‌ମାନୁଲ ହକ୍ ଓ ସମ୍ପାଦକ ରମ୍‌ଜାନ୍ ଖାନ୍ ସୂଚନା ଦେଇଛନ୍ତି।

### ଘରୁ ନାଗ ଉଦ୍ଧାର



ଭଣ୍ଡାରିପୋଖରୀ,୨୮।୮(ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଅଧୀନ ଚତୁର୍ଭୁଜପୁର ଗ୍ରାମର ଉର୍ମିଳା ଶତପଥୀଙ୍କ ଘରୁ ବୁଧବାର ସାଢ଼େ ୪ ଫୁଟ ଲମ୍ବର ଏକ ନାଗସାପ ଉଦ୍ଧାର କରାଯାଇଛି। ପ୍ରକାଶ ଯେ, ରବିବାର ରାତିରେ ଉର୍ମିଳାଙ୍କ ପରିବାର ଲୋକେ ଘର ଭିତରକୁ ଏକ ସାପ ପଶିଥିବାର ଦେଖିଥିଲେ। ସୋମବାର ଭଦ୍ରକର ସାପଧରାଳି ସେକ୍ ମିର୍ଜାଙ୍କୁ ଜଣାଇଥିଲେ। ମିର୍ଜା ପହଞ୍ଚି ଘରର କାଣ୍ଡ, ଚଟାଣ ଖୋଳାଖୋଳି କରିଥିଲେ ମଧ ସାପ ଏକ ଗାତ ଭିତରକୁ ପଶିଯାଇଥିଲା। ମିର୍ଜା ନିରାଶ ହୋଇ ଗାତ ମୁହଁ ବନ୍ଦ କରି ପଳାଇଥିଲେ। ସାପ ଗାତରୁ ବାହାରି ଦେଖାଦେଲେ ତାଙ୍କୁ ଫୋନ କରି ଜଣାଇବାକୁ କହିଥିଲେ। ବୁଧବାର ସାପ ବାହାରି ଘରେ ବୁଲୁଥିବାର ପରିବାର ଲୋକେ ଦେଖି ତାଙ୍କୁ ଜଣାଇଥିଲେ। ମିର୍ଜା ବୁଧବାର ମଧ୍ୟାହ୍ନରେ ସେଠାରେ ପହଞ୍ଚି ନାଗକୁ ଉଦ୍ଧାର କରି ଧାମନଗର ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି।

# ୧୯,୧୬୧ ପାଇଖାନା ଅସମ୍ପୂର୍ଣ୍ଣ

ବାସୁଦେବପୁର, ୨୮।୮ (ଡି.ଏନ.ଏ.)

**ସ୍ୱଚ୍ଛଭାରତ ମିଶନ**
- ୨୦,୩୯୪ ପାଇଖାନା ନିର୍ମାଣ ସରିଛି
- ୫ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଳମୁକ୍ତ ଘୋଷଣା

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ)ରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଲକ୍ଷ୍ୟ ଧାର୍ଯ୍ୟ ଥିବା ୩୯,୫୫୫ଟି ପାଇଖାନା ମଧ୍ୟରୁ ୨୦,୩୯୪ଟି ନିର୍ମାଣ ସରିଛି। ୧୯,୧୬୧ ପାଇଖାନା ନିର୍ମାଣାଧୀନ ରହିଥିବା ବେଳେ ସେଥିମଧ୍ୟରୁ ୧୦,୪୦୦ର ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହି ମିଶନକୁ ସର୍ବାଧିକ ଗୁରୁତ୍ୱ ଦେଇ ଗ୍ରାମ ଓ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଳମୁକ୍ତ କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ଗାନ୍ଧୀ ଜୟନ୍ତୀରେ ଶତ ପ୍ରତିଶତ ସଫଳତା ହାସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖିଛନ୍ତି।

ଉଲ୍ଲେଖନୀୟ ଯେ, ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ ଥିବାବେଳେ ଲୋକଙ୍କ ଆବଶ୍ୟକତାକୁ ଆଧାର କରି ୩୯,୫୫୫ ପାଇଖାନା ନିର୍ମାଣ ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପାଇଖାନା ନିର୍ମାଣ ବାବଦକୁ ଜିଲା ଜଳ ପରିମଳ ମିଶନ ପକ୍ଷରୁ ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ ତତ୍ତ୍ୱାବଧାନରେ ୧୨ ହଜାର ଟଙ୍କା କରି ସରକାର ପ୍ରୋତ୍ସାହନ ରାଶି ହିତାଧିକାରୀଙ୍କୁ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ବ୍ଲକରେ ସମ୍ପୂର୍ଣ୍ଣ ହୋଇସାରିଥିବା ପ୍ରକଳ୍ପ ବାବଦକୁ ୨୩.୭୮ କୋଟି ଟଙ୍କାର



.ନିର୍ମାଣାଧୀନ ପାଇଖାନା।

ପ୍ରୋତ୍ସାହନ ରାଶି ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଇ ସାରିଛି। ଅସମ୍ପୂର୍ଣ୍ଣ ପାଇଖାନା ନିର୍ମାଣ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ବିଭାଗ ପକ୍ଷରୁ ବ୍ଲକରେ ୫୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିର୍ମାଣ ଓ ତଦାରଖ ଦାୟିତ୍ୱ ଦିଆଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗାଁ ଗାଁ ବୁଲି କିପରି ସ୍ୱଚ୍ଛ ଭାରତ ମିଶନ ସଫଳ ହୋଇପାରିବ ସେ ନେଇ ସଚେତନତା ସୃଷ୍ଟି କରିବେ ବୋଲି ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ପାଢ଼ୀ କହିଛନ୍ତି। ଏହି ବ୍ଲକରେ ପାଇଖାନା ନିର୍ମାଣର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ୫ ପଞ୍ଚାୟତ ବ୍ରାହ୍ମଣଗାଁ, ନରସିଂହପୁର, ଆରୁହା, ଜଗନ୍ନାଥପୁର, ବରଣ୍ଡୁଆ ସମ୍ପୂର୍ଣ୍ଣ ମଳମୁକ୍ତ ପଞ୍ଚାୟତ ଭାବେ ଜିଲାସ୍ତରରେ ପୁରସ୍କୃତ ହୋଇଛନ୍ତି। ବ୍ରାହ୍ମଣଗାଁରେ ୧୬୧୬, ନରସିଂହପୁରରେ ୧୨୦୬, ଜଗନ୍ନାଥପୁରରେ ୧୨୯୮, ଆରୁହାରେ ୧୩୧୧ ଓ ବରଣ୍ଡୁଆରେ ୧୪୮୧ ପାଇଖାନା ନିର୍ମାଣ ସରି ଅନ୍ୟ ପଞ୍ଚାୟତ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗର ଅନ୍ୟତମ ଯନ୍ତ୍ରୀ ଭରତ ସାହୁଙ୍କ ସୂତ୍ରରୁ ପ୍ରକାଶ। ପାଇଖାନା ନିର୍ମାଣ କ୍ଷେତ୍ରରେ ରାଜଘରପୋଖରୀ, ବିଦେଇପୁର, ଗୁଆଗଡିଆ ପଛୁଆ ପଡ଼ିଥିବା ବିଭାଗ ସୂତ୍ରରୁ ଜଣାଯାଇଛି। ଏ ସମ୍ପର୍କରେ ବିଡିଓ ବୀରକିଶୋର ପାଣିଗ୍ରାହୀ କହିଛନ୍ତି, ବାସୁଦେବପୁରକୁ ସମ୍ପୂର୍ଣ୍ଣ ମଳମୁକ୍ତ ବ୍ଲକ ଭାବେ ପରିଗଣିତ କରିବା ଲାଗି ଜନସଚେତନତା ସହ ମାଇକ ପ୍ରଚାର ମାଧ୍ୟମରେ ହିତାଧିକାରୀଙ୍କୁ ସଚେତନ କରାଯାଉଛି। ତେବେ ସରକାରଙ୍କର ଏହି ପାଇଲଟ୍ ପ୍ରକଳ୍ପକୁ ସଫଳ କରିବା ପାଇଁ ସରକାରୀ କର୍ମଚାରୀଙ୍କୁ ତାଗିଦ୍ କରାଯାଉଛି ବୋଲି ସେ କହିଛନ୍ତି।



ଶିବିରରେ ନିଯୁକ୍ତି ଆଶାୟୀ ଯୁବତୀ ଯୁବକ।

■ ଦକ୍ଷତା ବିକାଶ ପରାମର୍ଶ ଶିବିର

## ୫୫୦ ଆଶାୟୀ ଯୁବତୀଯୁବକ ପଞ୍ଜୀକୃତ

ବାସୁଦେବପୁର, ୨୮।୮ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବୁଧବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଦକ୍ଷତା ବିକାଶ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲ୍ଲିକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଶିକ୍ଷିତ ବେରୋଜଗାରୀ ଯୁବତୀ ଯୁବକଙ୍କ କର୍ମନିଯୁକ୍ତି ଏହି ଶିବିରର ପ୍ରମୁଖ ଲକ୍ଷ୍ୟ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ବୀରକିଶୋର ପାଣିଗ୍ରାହୀ ଓ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଜିଲା ଦକ୍ଷତା ବିକାଶ ସଂଯୋଜକ ପ୍ରିୟଦର୍ଶନ ଜେନା ସଭାପତିତ୍ୱ କରିଥିଲେ। ବ୍ଲକ ଜୀବିକା ମିଶନ ସଂଯୋଜକ ସନ୍ତୋଷ କୁମାର ଜେନା ଅତିଥି ପରିଚୟ ଓ ଅନ୍ୟତମ ସଂଯୋଜିକା ଅନସୂୟା ଜେନା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଦକ୍ଷତା ବିକାଶ ସଂଯୋଜିକା ଜୟନ୍ତୀଲତା ମଲ୍ଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଶିବିରରେ ୧୪ଟି ସଂସ୍ଥା ପକ୍ଷରୁ ଷ୍ଟଲ ଖୋଲାଯାଇ ରୋଜଗାର ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଇଥିଲା। ମୋଟ ୫୫୦ ଶିକ୍ଷିତ ବେରୋଜଗାରୀ ଯୁବତୀ ଯୁବକ ନିଜର ନାମ ପଞ୍ଜୀକୃତ କରିଥିଲେ। ଏହି ଶିବିରରେ ପୂର୍ବାହ୍ଣଠାରୁ ଅପରାହ୍ଣ ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

## ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା

ଭଦ୍ରକ ଅଫିସ, ୨୮।୮

ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଏକ ସ୍ୱତନ୍ତ୍ର ଉତ୍ସବ ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନାର ବଣ୍ଟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ବିଡିଓ ଉମେଶ ମଲ୍ଲିକ, ଜିଲା ପରିଷଦ ସଭ୍ୟ ସୁକାନ୍ତି ନାୟକ, କ୍ଷୀରୋଦ ରାଉତ ଓ ସରୋଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ୩୬୦ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେହିପରି ୪୪୧ ଜଣଙ୍କୁ ବିଭିନ୍ନ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୪ ଜଣଙ୍କୁ ୨୦ ହଜାର ଲେଖାଏ ଚେକ୍, ୬୧ ଦିବ୍ୟାଙ୍ଗଙ୍କୁ ବସ୍ ପାସ୍ ଓ ୫ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ପ୍ରତିନିଧି ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



ବିଧାୟକଙ୍କ ଦ୍ୱାରା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଭଦ୍ରକ ଅଫିସ,୨୮।୮

ଭଦ୍ରକ ବରପଦା କୁସୁନନଗରସ୍ଥିତ କେକେଆର୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ୟ ବର୍ଷର ଛାତ୍ରୀଙ୍କ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଟଳ ବିହାରୀ ମହାବିଦ୍ୟାଳୟର ଇଂଲିଶ ବିଭାଗ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି ଯୋଗଦେଇ ନବାଗତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ୨ୟ ବର୍ଷର ଛାତ୍ରୀମାନେ ୧ମ ବର୍ଷର ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ସହିତ ଗୋଟିଏ ଗୋଟିଏ ଚାରା ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜାଦ୍ ଧୂଷୁରୀ ସ୍ମାରକୀ ଦିବସ ସମାରୋହ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଧାମନଗର, ୨୮।୮ (ଡି.ଏନ.ଏ.)

ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୨ୟ ବାର୍ଷିକ ଆଜାଦ୍ ଧୂଷୁରୀ ସ୍ମାରକୀ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଅପରାହ୍ଣରେ ମଞ୍ଚ ଉପଦେଷ୍ଟା ବାବାଜୀ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ହୋଇଥିଲା। ଶତାଧିକ ରାଜନେତା, ଶିକ୍ଷାବିତ୍ ଓ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ଯୋଗଦେଇ କହିଥିଲେ, ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନ ସମୟରେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଧୂଷୁରୀ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନେ ଅଗଷ୍ଟ ୨୮ ତାରିଖରେ ଧୂଷୁରୀ ବଜାରରେ ସ୍ୱାଧୀନ ଡାକରା ଦେଇ ପତାକା ଉତ୍ତୋଳନ କରି ବ୍ରିଟିଶ କ୍ଷମତାକୁ ଚ୍ୟାଲେଞ୍ଜ କରିଥିଲେ। ରାଜ୍ୟରେ ପ୍ରଥମେ ଧୂଷୁରୀ ସ୍ୱାଧୀନତା ପାଇଥିବା ଚର୍ଚ୍ଚିତ ଥିବାବେଳେ ଏହି ଦିବସକୁ ସ୍ମାରକୀ ଦିବସ ଭାବେ ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦୁଇବର୍ଷ ହେବ ପାଳନକୁ ପ୍ରଶଂସା କରାଯାଇଥିଲା। ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ବାମପନ୍ଥୀ ନେତା ଜନାର୍ଦ୍ଦନ ପତି, ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ନିରାକାର ଜେନା, ଦିବ୍ୟସିଂହ ନାୟକ, ଦେବାଶିଷ ସାମଲ, କୃଷକନେତା ଅଜୟ ନାୟକ, କବି ଦୟାନିଧି ମିଶ୍ର ଓ ବରିଷ୍ଠ ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ମଞ୍ଚ ପରିଚାଳନା, ସମ୍ପାଦକ ଦୁର୍ଯ୍ୟୋଧନ ତରାଇ ବିବରଣୀ ପାଠ ଓ ପଣ୍ଡିତ ନୃସିଂହ ଚରଣ ତରାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚନ୍ଦ୍ରଶେଖର ନାୟକ ସ୍ୱାଗତ ଭାଷଣ ଦେଇଥିଲେ।

### ରାସ୍ତାକାମକୁ ବିରୋଧ କରି ମାରପିଟ ଘଟଣା

## ୧୩ ଜଣଙ୍କ ନାଁରେ ମାମଲା

ଭଣ୍ଡାରିପୋଖରୀ, ୨୮।୮ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଫାଣ୍ଡି ଅଧୀନ ନମକଣା ଗ୍ରାମରେ ହେଉଥିବା ଢଳେଇ ରାସ୍ତା ନିମ୍ନମାନର ଅଭିଯୋଗ କରି ଏହାକୁ ବିରୋଧ କରାଯାଇଥିଲା। ଗତ ୨୦ ତାରିଖରେ ଏହାକୁ ନେଇ ଗ୍ରାମରେ ଗଣ୍ଡଗୋଳ ସହ ମାରପିଟ ହୋଇଥିଲା। ଏ ନେଇ ମଙ୍ଗଳବାର ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ସ୍ଥାନୀୟ ଥାନାରେ ୧୩ ଜଣଙ୍କ ନାଁରେ ୨ଟି ପୃଥକ୍ ମାମଲା ରୁଜୁ କରାଯାଇଛି। ବନ୍ଧାଲୋ ମଢ଼ିଆଳି ପଞ୍ଚାୟତ ନମକଣା ଗ୍ରାମରେ ଢଳେଇ ରାସ୍ତା କାମ ନିମ୍ନମାନର ହେଉଛି ବୋଲି ଅଭିଯୋଗ କରି କେତେକ ଲୋକ ଭଲ କାମ କର ନ ହେଲେ ବନ୍ଦ କର ବୋଲି କହିବାରୁ ଗଣ୍ଡଗୋଳ ଘଟିଥିଲା। ଅନନ୍ତ ପ୍ରସାଦ ଜେନାଙ୍କ ଅଭିଯୋଗ କ୍ରମେ ୪ ଜଣଙ୍କ ନାମରେ ମାମଲା(ନଂ.୧୩୦/୧୯) ଏବଂ ମାମୁନି ଜେନାଙ୍କ ଅଭିଯୋଗ କ୍ରମେ ୯ ଜଣଙ୍କ ନାଁରେ ମାମଲା(ନଂ.୧୩୧/୧୯) ରୁଜୁ କରି ମଞ୍ଜୁରିରୋଡ ଫାଣ୍ଡି ଅଧିକାରୀ ହୃଷୀକେଶ ନାୟକ ଘଟଣାର ତଦନ୍ତ କରୁଛନ୍ତି।

## ରଙ୍ଗାଧରଙ୍କ ଶ୍ରାଦ୍ଧବାର୍ଷିକୀ

ବନ୍ତ, ୨୮।୮(ଡି.ଏନ.ଏ.)

ସିପିଆଇର ବରିଷ୍ଠ ନେତା ତଥା ଭଦ୍ରକ ଜିଲା ବନ୍ତ ବ୍ଲକ ସିପିଆଇ ସଙ୍ଗଠନର ପ୍ରତିଷ୍ଠାତା ସ୍ୱର୍ଗତ ରଙ୍ଗାଧର ବିଶ୍ୱାଳଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ବକ୍ତାମାନେ ରଙ୍ଗାଧରଙ୍କ ତ୍ୟାଗ ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବାମପନ୍ଥୀ ଚିନ୍ତାଧାରାରେ ସେ ସିପିଆଇ ସଙ୍ଗଠନକୁ ସୁଦୃଢ଼ କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଷେଣ୍ଡତୀରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବରିଷ୍ଠ ସିପିଆଇ ନେତା ଗୋପବନ୍ଧୁ ସେଠୀ, ସିପିଆଇ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜୋନ୍ ସମ୍ପାଦକ ରମେଶ ଜେନା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଫକୀର ଚରଣ ବିଶ୍ୱାଳ, ଷେଣ୍ଡତୀରା ସେବା ସମବାୟ ସମିତି ସଭାପତି ପ୍ରେମାନନ୍ଦ ନାୟକ, ପଞ୍ଚାୟତ ବିଜେଡି ସଭାପତି ହୃଷୀକେଶ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚରଣ ମହାନ୍ତି, ଭାସ୍କର ଚନ୍ଦ୍ର ସେନାପତି, ଗୋପାଳ ସେନାପତି, ପ୍ରଭାତ କୁମାର ସେନାପତି, ରଘୁନାଥ ନାୟକ, କିଶୋର ବିଶ୍ୱାଳ, ଭରତ ସେନାପତି, ନାଏବ ସରପଞ୍ଚ ଶିବଚରଣ ଖଣ୍ଡେଇ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶ୍ରୀଧର ମହାନ୍ତି, ସୀତାରାମ ସେଠୀ, ନିରଞ୍ଜନ ସେଠୀ, ବିନୋଦ ପ୍ରଧାନ, ନିରଞ୍ଜନ ସାହୁ, ବ୍ରଜ ଖୁଣ୍ଟିଆ, ରବୀନ୍ଦ୍ର ସେଠୀ, ଧନେଶ୍ୱର ଜେନା, କୃଷ୍ଣ ଜେନା ଓ ଅଶୋକ ବେହେରା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷକ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସଚେତନତା ଶିବିର

ଧାମନଗର, ୨୮।୮ (ଡି.ଏନ.ଏ.)

ଧାମନଗର ବ୍ଲକ ସାହାସପୁର ଉଚ୍ଚ ବିଦ୍ୟାପୀଠ ପରିସରରେ ଭଦ୍ରକ ରୋଟାରୀ କ୍ଲବ ଆନୁକୂଲ୍ୟରେ ଶିକ୍ଷକ ପ୍ରଶିକ୍ଷଣ ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଏକାନ୍ତ ଜରୁରୀ ବୋଲି ଏଥିରେ ଯୋଗ ଦେଇଥିବା ଅତିଥିମାନେ କହିଥିଲେ। ସେହିପରି ଶିକ୍ଷକମାନଙ୍କର ଶିକ୍ଷା ବ୍ୟବସ୍ଥାରେ ଗୁରୁଦାୟିତ୍ୱ ଥିବାବେଳେ ସେମାନେ ସଚେତନ ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। କ୍ଲବ ସଭାପତି ସୁଧୀରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ପ୍ରଧାନଶିକ୍ଷକ ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକନେତା ରଘୁନାଥ ସାହୁ, ରୋଟାରିଆନ ଅତିଶ ବେହେରା ଓ ଅତିରିକ୍ତ ଶିକ୍ଷାଧିକାରୀ ଭୀମସେନ ହୋ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ କ୍ଲବ ଅଧ୍ୟକ୍ଷ ମନୋଜ ସାହୁ। ପ୍ରଶିକ୍ଷକ ଭାବେ ଡା. ପ୍ରଭାସ ମହାନ୍ତି, ଡା. ସୁଧୀରଞ୍ଜନ ନାୟକ, ପ୍ରଫେସର ରାଜକିଶୋର ସାହୁ, ନିର୍ମଳ କୁମାର ଦାସ ଓ ରତିକାନ୍ତ ଦାସ ଯୋଗଦାନ କରିଥିଲେ। ମୋଟ ୧୨୦ ଶିକ୍ଷକ ସହ ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର, ଉମେଶ ମାଝୀ, ଭୀମସେନ ପରିଡ଼ା, ଆନନ୍ଦ ଦୀକ୍ଷିତ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରିଆନ ଅଜିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ପ୍ରଣବ ସାହୁଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ ହୋଇଥିଲା।

# କମିଟି ପୁନର୍ଗଠନ ଦାବିରେ ବିଦ୍ୟାଳୟରେ ତାଲା

ଆରଡ଼ି, ୨୮।୮ (ଡି.ଏନ.ଏ.)



ଅଭିଭାବକ ଓ ପ୍ରଧାନଶିକ୍ଷକଙ୍କ ସହ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।

- ଅନିୟମିତତା ନେଇ ଅଭିଯୋଗ କଲେ ଅଭିଭାବକ
- ପୋଲିସ ହସ୍ତକ୍ଷେପ ପରେ ତାଲା ଖୋଲିଲା

ବିଦ୍ୟାଳୟ କମିଟି ପୁନର୍ଗଠନ ଦାବିରେ ଧାମନଗର ବ୍ଲକର ବାପୁଜୀ ନୋଡାଲ ହାଇସ୍କୁଲ ଅଧୀନ ବାଙ୍କସାହି ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସକାଳେ ଅଭିଭାବକମାନେ ତାଲା ପକାଇ ଦେଇଥିଲେ। ଏଥିସହିତ ସେମାନେ ବିଦ୍ୟାଳୟ ଆଗରେ ବସିରହିଥିଲେ। ଫଳରେ ସକାଳ ୯ଟା ୧୫ରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ଏ ନେଇ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳ ଧୂଷୁରୀ ଥାନାରେ ଏତଲା ଦେବା ପରେ ଏଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକ ସେଠାରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ କମିଟି ଗଠନରେ ଅନିୟମିତତା ହୋଇଛି। କମିଟି ପୁର୍ନଗଠନ କରାଯାଉ ବୋଲି ଅଭିଭାବକମାନେ ଦାବି ଜଣାଇଥିଲେ। ସେମାନଙ୍କ ଦାବି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ପୁନର୍ବିଚାର କରିବେ ବୋଲି ଏଏସ୍‌ଆଇ ମଲ୍ଲିକ ପ୍ରତିଶ୍ରୁତି ଦେବାରୁ ବିଦ୍ୟାଳୟରୁ ତାଲା ଖୋଲା ଯାଇଥିଲା। ଏହା ପରେ ବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ପରେ ସିଆର୍‌ସିସି ପ୍ରଦୀପ କୁମାର ଦାଶ ଓ ଧାମନଗର ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ ବିଦ୍ୟାଳୟରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଅନିୟମିତତା ଭାବେ କମିଟି ଗଠନ ସହ ମଧ୍ୟାହ୍ନ ଭୋଜନ ପରିଚାଳନାରେ ତ୍ରୁଟି, ଜାତିଆଣ ଭେଦଭାବ ଆଦି ନେଇ ଛାତ୍ର ଅଭିଭାବକମାନେ ସିଆର୍‌ସିସିଙ୍କୁ ଲିଖିତ ଭାବେ ଜଣାଇଥିଲେ। ପିଲାମାନଙ୍କୁ ଜାତିଆଣ ମନୋବୃତ୍ତି ନେଇ ଅଲଗା ବସାଇ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ କମିଟି ଗଠନରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ବିଦ୍ୟାଳୟରେ ଗଣତାନ୍ତ୍ରିକ ଉପାୟରେ କମିଟିର ସଭ୍ୟାସଭ୍ୟ ଚୟନ କରାଯାଇଛି। କେତେକ ବ୍ୟକ୍ତି ଅଯଥାରେ ବିଦ୍ୟାଳୟରେ ରାଜନୀତି କରୁଥିବା ରଇପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ନାୟକ କହିଥିଲେ। ଠିକ୍ ଫୋରମରେ ବିଦ୍ୟାଳୟ କମିଟି ଗଠନ କରାଯାଇଛି। ମଧ୍ୟାହ୍ନ ଭୋଜନ ପରିଚାଳନାରେ କୌଣସି ତ୍ରୁଟି ନାହିଁ କି ଏଠାରେ କୌଣସି ପକ୍ଷପାତିତା କରାଯାଇ ନ ଥିବା ପ୍ରଧାନ ଶିକ୍ଷକ କହିଥିଲେ। ଏହାଛଡ଼ା ଏବିଇଓ ଏବଂ ସିଆର୍‌ସିସି ପ୍ରାୟ ସମୟରେ ବିଦ୍ୟାଳୟ ପରିଦର୍ଶନରେ ଆସୁଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସିଆର୍‌ସିସି ଦାଶଙ୍କୁ ପଚାରିବାରୁ କହିଛନ୍ତି, ଶିକ୍ଷା ପରିଚାଳନା କମିଟି ସଭ୍ୟାସଭ୍ୟ ଚୟନ ଦିନ ଆବଶ୍ୟକଠାରୁ ଅଧିକ ଅଭିଭାବକ ଉପସ୍ଥିତ ଥିଲେ। ଯେଉଁମାନେ ବିଦ୍ୟାଳୟରେ ତାଲା ପକାଇଥିଲେ ସେମାନେ ମଧ ସେଦିନ ସଭ୍ୟାସଭ୍ୟ ଚୟନରେ ସହଯୋଗ କରିଥିବା ରେଜିଷ୍ଟରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ଅବକାରୀ ସ୍କ୍ୱାଡର ବିଭିନ୍ନ ସ୍ଥାନରେ ଚଢାଉ, ୩ ଗିରଫ

**କେନ୍ଦୁଝର, ୨୮।୮(ଡି.ଏନ.ଏ.)-** କେନ୍ଦୁଝର ଅବକାରୀ ସ୍କ୍ୱାଡ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୫କେଜି ଗଞ୍ଜେଇ ଓ ବିଦେଶୀ ମଦ ଜବତ କରାଯିବା ସହ ଏହି କାରବାରରେ ଜଡିତ ୩ଜଣଙ୍କୁ ଗିରଫ କରାଯାଇଛି। ମିଳିଥିବା ଖବର ଅନୁସାରେ, ବୁଧବାର ପୂର୍ବାହ୍ନରେ କେନ୍ଦୁଝର ଅବକାରୀ ସ୍କ୍ୱାଡ ଶଙ୍କରପୁରର ଲକ୍ଷ୍ମଣ ମହାନ୍ତଙ୍କ ଘରେ ଚଢାଉ କରି ତାଙ୍କ ଘରୁ ୨କେଜି ୬ଶହ ଗ୍ରାମର ଗଞ୍ଜେଇ ଜବତ କରିଛି। ସେହିପରି କମାରଗୋଡାର କଣ୍ଢରାମ ସାହୁ(୬୫)ଙ୍କ ଘରୁ ୩କେଜି ୧ଶହ ଗ୍ରାମର ଗଞ୍ଜେଇ ଜବତ କରିଥିବା ଜଣାପଡିଛି। ଅପରପକ୍ଷରେ ଧୋବାଡିହାର ମୁନା ମାଝୀଙ୍କ ଘରୁ ବିଦେଶୀ ମଦ ଜବତ କରାଯାଇଛି। ଏସମ୍ପର୍କରେ ଅବକାରୀ ବିଭାଗ ତିନୋଟି ମାମଲା ରୁଜୁ କରି ସମ୍ପୃକ୍ତ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି।

### ରାତିରେ ଚୋର, ଦିନରେ ପାଗଳ

**ଯୋଡ଼ା, ୨୮।୮(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ଗାନ୍ଧୀ ଛକ ନିକଟରେ କେତେକ ଯୁବକ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ମାରିଥିଲେ । ଯୋଡା ଥାନା ପୋଲିସ ମଙ୍ଗଳବାର ସନ୍ଧ୍ୟା ୭ ଟା ସମୟରେ ଚୋରି ଅଭିଯୁକ୍ତ ଯୁବକ ଲେଙ୍ଗୁଡୁ କାରୁଆଙ୍କୁ ଗିରଫ କରି ଏକ ମାମଲା (ନଂ.୧୩୨/୧୯) ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି। ଏନେଇ ଯୋଡା ଥାନା ଏସଆଇ ବିଶ୍ୱଜିତ୍ ବେହେରା ସୂଚନା ଦେଇ କହିଛନ୍ତି ଯେ, ଅଭିଯୁକ୍ତ ଲେଙ୍ଗୁଡୁ ଏକ ଦୋକାନରୁ ମୋଟର ପାର୍ଟସ୍ ସାମଗ୍ରୀ ଚୋରି କରିଥଲେ। ସେ ରାତିରେ ଚୋରି ଏବଂ ଦିନବେଳେ ପାଗଳ ଅଭିନୟ କରିଥାଏ ବୋଲି ବେହେରା ପ୍ରକାଶ କରିଛନ୍ତି।

### ଏମ୍ପି, ବିଧାୟକ ଓ ବିଧାୟିକାଙ୍କୁ ସମ୍ବର୍ଦ୍ଧନା

**ଚମ୍ପୁଆ,୨୮।୮(ଡି.ଏନ.ଏ)-** ଚମ୍ପୁଆ ବିଜୁଜନତା ଦଳ ପକ୍ଷରୁ ନବ ନିର୍ବାଚିତ କେନ୍ଦୁଝର ଏମ୍ପି ଚନ୍ଦ୍ରାଣୀ ମୁର୍ମୁ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଓ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ୧୧ ଘଟିକାରେ ଉଭୟଙ୍କୁ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରୁ ଏକ ବିରାଟ ମଟର ସାଇକେଲ ପଟୁଆରରେ ଦଳୀୟ ନେତା ଓ କର୍ମୀ ମାନେ ପାଛୋଟି ଆଣିବା ପରେ ନିକଲସନ ବନବିଦ୍ୟାଳୟ ଠାରୁ ଏକ ଖୋଲା ଜିପରେ ବାଜା ବାଣ ଫୁଟାଇ ଶୋଭାଯାତ୍ରା କରି ସହର ପରିକ୍ରମା କରାଯାଇଥିଲା। ପରେ ଚମ୍ପୁଆ ନଗରଭବନ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଚମ୍ପୁଆ ବ୍ଲକର ବହୁ ପଞ୍ଚାୟତର ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଓ ନେତୃ ମଣ୍ଡଳୀ ଯୋଗ ଦେଇଥିଲେ।

### ସହରକୁ ଜବରଦଖଲ ମୁକ୍ତ କରିବାକୁ ଦାବିପତ୍ର

**ବାଲେଶ୍ୱର ଅଫିସ,୨୮।୮:** ବାଲେଶ୍ୱର ସହରର ମୁଖ୍ୟ ରାସ୍ତାର ଉଭୟପାର୍ଶ୍ୱରେ ଥିବା ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ଜନ ଜାଗରଣ ସମିତି ପକ୍ଷରୁ ବୁଧବାର ଅପରାହ୍ନ ୫ଟା ସମୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ତଥା ପୌରାଞ୍ଚଳ ଅଧିକାରୀ ନୀଲୁ ମହାପାତ୍ରଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ଓଟି ରୋଡ୍ର ଫକୀରମୋହନ ଗୋଲେଇ ଠାରୁ କୁରୁଡ଼ା ବାଇପାସ୍ ଛକ, ଷ୍ଟେଶନ ଠାରୁ ପାତ୍ରପଡ଼ା ଛକ, ଆଇଟିଆଇ ଛକରୁ ହେମକାପଦା ଛକ, ଫାଣ୍ଡି ଛକରୁ ସିନେମା ଛକ, ବସ୍ଷ୍ଟାଣ୍ଡରୁ ଫକୀରମୋହନ ମେଡ଼ିକାଲ କଲେଜ ଛକର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଡ୍ରେନ୍ ନିର୍ମାଣ ସହ ଆବଶ୍ୟକସ୍ଥଳେ ପାଦ ଚଲା ରାସ୍ତା ନିର୍ମାଣ ପାଇଁ ଜନ ଜାଗରଣ ସମିତି ଦାବି କରିଛି। ସେହିପରି ରାସ୍ତା ଉପରେ ବର୍ଷ ବର୍ଷ ଧରି ଛିଡ଼ା ହେଉଥିବା ବଡ଼ବଡ଼ ଯାନ, ବେଆଇନ୍ ଭାବରେ ବ୍ୟକ୍ତିଗତ ବ୍ୟବହାର ପାଇଁ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର, ଜେନେରେଟର ରଖିବା ଭଳି ବେଆଇନ୍ କାର୍ଯ୍ୟକୁ ,ରୋକିବା ଲାଗି ପ୍ରଶାସନ ନିକଟରେ ଦାବି କରାଯାଇଛି। ଜନ ଜାଗରଣ ସମିତିର ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ଏମ୍ଡ଼ି ଇକବାଲ ଖାଁ, ଅନ୍ତର୍ଯ୍ୟାମୀ ପ୍ରଧାନ, ରଘୁନାଥ ଲେଙ୍କା, ଲକ୍ଷ୍ମୀଧର ବେହେରା, ଗିରିଜା ଶଙ୍କର ଦାସ, ଶରତ ଚନ୍ଦ୍ର ମହାନ୍ତି, ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ବଡବିଲରେ ଶ୍ରମିକଙ୍କ ବିକ୍ଷୋଭ




ଏଆଇଟିୟୁସି ଶ୍ରମିକଙ୍କ ଶୋଭାଯାତ୍ରା ବଡବିଲ ସହର ପରିକ୍ରମା କରୁଛି।

- ଲାଗୁ ହେବାକୁ ଥିବା ନୂତନ ଶ୍ରମ ଆଇନ୍କୁ ବିରୋଧ
- ଖଣି ନିଲାମ ପ୍ରକ୍ରିୟା ପରେ କାର୍ଯ୍ୟରତ ଶ୍ରମିକଙ୍କୁ ନିଯୁକ୍ତି ଦାବି

**ବଡବିଲ, ୨୮।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲରେ ବୁଧବାର ଏଆଇଟିୟୁସି(ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ) ତରଫରୁ ଏକ ବିଶାଳ ଶ୍ରମିକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୂତନ ଶ୍ରମ ଆାଇନ୍କୁ ବିରୋଧ କରିବା ସହ ୨୦୨୦ ମସିହାରେ ଖଣି ନିଲାମ ପ୍ରକ୍ରିୟା ଯୋଗୁଁ ଛଟେଇ ହେବାକୁ ଥିବା କର୍ମଚାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ନିମନ୍ତେ ଦାବି କରି ଶ୍ରମିକ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତି ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଶ୍ରମିକମାନଙ୍କର ଏହି ବିଶାଳ ଶୋଭାଯାତ୍ରା ବଡବିଲ ବସ୍ ଟର୍ମିନାଲଠାରୁ ବାହାରି ସହର ପରିକ୍ରମା କରି ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନରେ ଏଆଇଟିୟୁସି ରାଜ୍ୟ ଯୁଗ୍ମ-ସାଧାରଣ ସମ୍ପାଦକ ତଥା କେଏମଏଫଡବ୍ଲ୍ୟୁ(କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ୱାର୍କର୍ସ ୟୁନିୟନ)ର ସଭାପତି ରାମକୃଷ୍ଣ ପଣ୍ଡା ଯୋଗଦେଇ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ମାଲିକ ସପକ୍ଷବାଦୀ ନୀତିକୁ କଟୁ ସମାଲୋଚନା କରିଥିଲେ। ନୂତନ ଶ୍ରମ ଆଇନ ଲାଗୁହେବା ପୂର୍ବରୁ ସଂଶୋଧନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେହିପରି ଆସନ୍ତା ୨୦୨୦ ମସିହା ମାର୍ଚ୍ଚ ମାସରେ ନିଲାମ ପ୍ରକ୍ରିୟା ଯୋଗୁ ବନ୍ଦ ହେବାକୁ ଥିବା ଖଣିରେ ଛଟେଇ ହେଉଥିବା ଶ୍ରମିକ ମାନଙ୍କର ଜୀବନ ଜୀବିକା ପ୍ରଭାବିତ ହେବ ବୋଲି ଏଆଇଟିୟୁସି ରାଜ୍ୟ ସମ୍ପାଦକ ମହେଶ୍ୱର ରାଉତ ଚିନ୍ତା ପ୍ରକଟ କରିଥିଲେ। ଏଥିସହ ସରକାର ଖଣିବନ୍ଦ ଓ ନୂତନ ନିଲାମ ସମ୍ପର୍କରେ ହୋଇଥିବା ନୀତିରେ ଛଟେଇ ହେଉଥିବା ଶ୍ରମିକ-କର୍ମଚାରୀମାନଙ୍କୁ ନୂତନ ଲିଜ୍ଧାରୀଙ୍କ କମ୍ପାନୀରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତିକୁ ବାଧ୍ୟତାମୂଳକ କରାଯିବା ଆବଶ୍ୟକ ରହିଛି ବୋଲି ରାଉତ କହିଥିଲେ। ଅନ୍ୟ ଶ୍ରମିକ ନେତାଙ୍କ ମଧ୍ୟରେ ଶ୍ରମିକନେତା ବିଦ୍ୟାଧର ମହାନ୍ତ ଓ କପିଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ ଅନୁଦାନ ପାଣ୍ଠି ହେରଫେର ଧରାପଡିଲା

**ହାଟଡିହୀ, ୨୮।୮(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଏବଂ ସୁଲଣ ପଞ୍ଚାୟତରେ ଲକ୍ଷାଧିକ ଟଙ୍କାର ଚତୁର୍ଦ୍ଦଶ ଅର୍ଥ କମିଶନ (ସିଏଫ୍ସି) ଓ ରାଜ୍ୟ ଅର୍ଥ କମିଶନ (ଏସଏଫସି) ଅନୁଦାନ ହେରଫେର ହୋଇଥିବା ଘଟଣା ସାମ୍ନାକୁ ଆସିଛି। ପୂର୍ବରୁ ବ୍ୟାସଦେବ ନାୟକ ଏହି ଦୁଇ ପଞ୍ଚାୟତରେ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଭାବେ କାମ କରୁଥିଲେ। ପିଇଓ ନାୟକଙ୍କ ପାଟଣା ବ୍ଲକକୁ ବଦଳି ହୋଇଥିଲା। ଫଳରେ ସୋସୋ ପଞ୍ଚାୟତରେ ଅମୀୟ ମାଝୀ ଏବଂ ସୁଲଣ ପଞ୍ଚାୟତରେ ନରହରି ନାୟକ ନୂତନ ପିଇଓ ଭାବେ ଦାୟିତ୍ୱ ନେଇଥିଲେ। ଦାୟିତ୍ୱ ନେବା ପରେ ସେମାନେ ସିଏଫ୍ସି ଓ ଏସ୍ଏଫ୍ସି ଅନୁଦାନର ବ୍ୟାଙ୍କ ଜମାଖାତା ପ୍ରିଣ୍ଟ କରାଇଥିଲେ। ଉକ୍ତ ପଞ୍ଚାୟତରେ କୌଣସି କାମ ନ ହୋଇ ୩ ଲକ୍ଷ ୩୮ ହଜାର ଟଙ୍କା ଉଠାଣ ହୋଇଥିବା ପିଇଓ ଅମୀୟ ମାଝୀ କହିଛନ୍ତି। ସେହିପରି ସୁଲଣ ପଞ୍ଚାୟତରେ ୫ ଲକ୍ଷ ୬୦ ହଜାର ଟଙ୍କା କୌଣସି କାର୍ଯ୍ୟ ନ ହୋଇ ଉଠାଣ ହୋଇଥିବା ପିଇଓ ନରହରି ନାୟକ କହିଛନ୍ତି।

ଏ ନେଇ ନୂତନ ପିଇଓ ମାଝୀ ଓ ନାୟକ ଏ ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଏପରି ଘଟଣା ଜାଣିବା ପରେ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ଓ ବଦଳି ହୋଇଥିବା ପିଇଓ ବ୍ୟାସଦେବ ନାୟକଙ୍କ ସହ ନୂତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଡକାଇ ଉକ୍ତ ଘଟଣାର ଅନୁଧ୍ୟାନ କରିଥିଲେ। ଉକ୍ତ ବୈଠକରେ ବ୍ଲକର ଅନ୍ୟ ଅଧିକାରୀ ବି ଉପସ୍ଥିତ ଥିଲେ। ଉକ୍ତ ଟଙ୍କା ଉଭୟ ପଞ୍ଚାୟତର ସରପଞ୍ଚ ଓ ବଦଳି ହୋଇଥିବା ପିଇଓ ଆସନ୍ତା ୭ ଦିନ ମଧ୍ୟରେ ଫେରସ୍ତ କରିବେ ବୋଲି ବିଧାୟକ ସେଠୀ ତାଗିଦ୍ କରିଛନ୍ତି। ଏଥିରେ ଖିଲାପ କଲେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ସୁଶାନ୍ତ କୁମାର ବାରିକ କହିଛନ୍ତି।

# ପୋକ୍ସୋ କୋର୍ଟରେ ୧୦ ବର୍ଷ ଜେଲ

**କେନ୍ଦୁଝର, ୨୮।୮(ସ୍ୱ.ପ୍ର./ଡି.ଏନ.ଏ.)**

ସ୍ଥାନୀୟ ଏଡିଜେ ତଥା ସ୍ପେଶାଲ ଜଜ କୋର୍ଟରେ ବୁଧବାର ଏକ ପୋକ୍ସୋ ମାମଲାର ଶୁଣାଣି କରି ଏଡିଜେ ତଥା ସ୍ପେଶାଲ ଜଜ ଲୋକନାଥ ସାହୁ ଜଣେ ବ୍ୟକ୍ତିଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଅନାଦେୟ ଆଉ ଦେଢ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ । ସେହିପରି ପିଡିତାଙ୍କୁ ଏକ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ଆଦେଶ କରିଛି।

ଉକ୍ତ ବ୍ୟକ୍ତିଙ୍କ ନାମ ବିକ୍ରମ ମୁଣ୍ଡା। ତାଙ୍କ ଘର ଜଡିଖୁଣ୍ଟା ବୋଲି ଜଣାପଡିଛି। ସ୍ପେଶାଲ ମାମଲା (ନମ୍ବର ୨୪/୭୦ ଅଫ ୨୦୧୬)ର ଶୁଣାଣି କରି ଏବଂ ୧୧ ଜଣ ସାକ୍ଷୀ ଙ୍କ ବୟାନକୁ ଭିତ୍ତି କରି ଏହି ଦଣ୍ଡାଦେଶ କରିଥିବା ସରକାରୀ ଆଇନଜୀବୀ ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି। ୨୦୧୬ ମସିହା ଜୁଲାଇ ୧୪ ତାରିଖରେ ଘଟଣାଟି ଘଟିଥିଲା । ଅଭିଯୁକ୍ତ ହେଉଛନ୍ତି ଜଣେ ଟ୍ରାକ୍ଟର ଚାଳକ ଏବଂ ବଳାତ୍କାର ଶିକାର ହୋଇଥିବା ଯୁବତୀ ଜଣେ ଦିନ ମଜୁରିଆ । ପିଡିତା ତାଙ୍କ ଭାଉଜ ମାନଙ୍କ ସହିତ ବାହୁଡା ଯାତ୍ରା ଦେଖିବାକୁ ବାହାରିଥିଲେ। ମୁଦାଲା ଟ୍ରାକ୍ଟର ଚାଳକ ବିକ୍ରମ ଉକ୍ତ ପିଡିତାଙ୍କୁ ପରେ ଯିବା ବୋଲି କହି ଅଟକାଇଥିଲେ। ପରେ ବିକ୍ରମ ତାଙ୍କୁ ଯାତ୍ରାକୁ ନ ନେଇ ଟିକରପଡା ଗ୍ରାମକୁ ନେଇଯାଇ ଗୋଟିଏ ରାତି ରଖିଥିଲେ। ତାପର ଦିନ ଫୁଲଝର ଗ୍ରାମକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ବିବାହ କରିବ ବୋଲି କହି ଶାରିରୀକ ସମ୍ପର୍କ ରଖିଥିଲେ। ଏହି ଘଟଣା ପରେ ଘରକୁ ନ ଫେରିବାରୁ ପିଡିତାଙ୍କ ମା ସଦର ଥାନାରେ ଲିଖିତ ଏତଲା ଦେଇଥିଲେ । ପୋଲିସ ଏକ ମାମଲା ରୁଜୁ କରିଥିଲେ । ୧୦ ଦିନ ପରେ ପୋଲିସ ମୁଦାଲାଙ୍କ ଘରୁ ପିଡିତାଙ୍କୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

ଗୋଟିଏ ଦଫାରେ କୋର୍ଟ ୧୦ ବର୍ଷ ଜେଲ ଦଣ୍ଡାଦେଶ ଓ ୧୦ ହଜାର ଟଙ୍କା ଫାଇନ କରିବା ସହ ଅନ୍ୟ ଦଫାରେ ୫ ବର୍ଷ ଜେଲଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜରିମାନା କରିଛନ୍ତି।

## ବନସେବା ସଂଘର ଜରୁରିକାଳୀନ ବୈଠକ

**କେନ୍ଦୁଝର, ୨୮।୮(ଡି.ଏନ୍.ଏ.)**

କେନ୍ଦୁଝରସ୍ଥିତ ଫରେଷ୍ଟ ରିକ୍ରିଏଶନ୍ କ୍ଲବଠାରେ ଓଡିଶା ଅଣଗେଜେଟେଡ ବନସେବା ସଂଘ, କେନ୍ଦୁଝର ଜୋନର ଏକ ଜରୁରିକାଳୀନ ବୈଠକ ସଂଘର ସଭାପତି ଶରତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ବନକ୍ଷେତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଜୋନ୍ ସମ୍ପାଦକ ମନୋରଞ୍ଜନ ସେନାପତି ସବିଶେଷ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ନିମ୍ନଲିଖିତ ବିଷୟଗୁଡିକ ଉପରେ ଆଲୋଚନା କରାଯାଇ ନିମ୍ନୋକ୍ତ ପ୍ରସ୍ତାବଗୁଡିକ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଗତ ୨୨ ତାରିଖ ଘଟଗାଁ ବନାଞ୍ଚଳର ମେଲାଣ ବିଟ୍ ଅନ୍ତର୍ଗତ ବାଲିଯୋଡି ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣାରେ ହାତୀ ମୃତ୍ୟୁକୁ ନେଇ ବନରକ୍ଷୀ ପ୍ରଣୟିନୀ ଅମାନ୍ତଙ୍କୁ ବିନା ଦୋଷରେ ନିଲମ୍ବନ କରାଯାଇଥିବାରୁ ସଂଘ ତରଫରୁ ଏହାକୁ ନିନ୍ଦା କରାଯିବା ସହ ତୁରନ୍ତ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରି ତାଙ୍କୁ ପୁନଶ୍ଚ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ଆଦେଶ ପ୍ରଦାନ କରିବା ନିମନ୍ତେ ସଂଘ ପକ୍ଷରୁ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କୁ ନିବେଦନ କରାଯାଇଥିଲା। ହାତୀ ମୃତ୍ୟୁକୁ ରୋକିବା ପାଇଁ ଯେଉଁ ସବୁ ସରକାରୀ ବ୍ୟବସ୍ଥା ଅଛି ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ବିଧିବଦ୍ଧ ତଦାରଖ ବନଖଣ୍ଡ ଅଧିକାରୀ କରିବାକୁ ସଂଘ ଦାବି କରିଛି। ମନୁଷ୍ୟ ଓ ବନ୍ୟଜନ୍ତୁ ମଧ୍ୟରେ ଲାଗିଥିବା ବିବାଦର ସ୍ଥାୟୀ ସମାଧାନ ନିମନ୍ତେ ଏକ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର ଗଠନ କରାଯାଇ ବନରକ୍ଷୀ ଓ ବନପାଳମାନଙ୍କର କର୍ତ୍ତବ୍ୟ ସମ୍ପାଦନ ପାଇଁ ଏକ ସ୍ୱତନ୍ତ୍ର ଗାଇଡ ଲାଇନ୍ ପ୍ରସ୍ତୁତ କରାଯାଇଛି।

■ ଗାଧୁଆ ଘର ଯୋଜନା ବିଫଳ

# ଅବହେଳିତ ହୋଇ ପଡିରହିଛି ଗୃହ

**ତେଲକୋଇ, ୨୮।୮(ଡି.ଏନ.ଏ.)**

ତେଲକୋଇ ବ୍ଲକ ମୁଖ୍ୟାଳୟ ସମେତ ବିଭିନ୍ନ ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ସହାୟତାରେ ଗାଧୁଆ ଗୃହ ଯୋଜନା କରାଯାଇଛି। ୨୨ଟି ପଞ୍ଚାୟତରେ ଗାଧୁଆ ଶୌଚ ପାଇଁ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇ ୫୩ଟି ଏଭଳି ଗୃହ ନିର୍ମାଣ ଯୋଜନାରେ ସାମିଲ କରାଯାଇଛି। ୨୦୧୭-୧୮ ମସିହାରେ ଏହି ବ୍ଲକରେ ଉକ୍ତ ଯୋଜନା କରାଯାଇଥିବା ବେଳେ ଏହାର ଉପଯୋଗ କରାଯାଉ ନ ଥିବା ଯୋଗୁ ଅଧିକାଂଶ ଗୃହ ଭଗ୍ନ ଅବସ୍ଥାରେ ରହିଛି। ସରକାରଙ୍କ ଯୋଜନା କେବଳ ଦଳୀୟ ଠିକାଦାରଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଏହି ଯୋଜନାରେ ୬୦ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟୟ ବରାଦ କରାଯାଇଛି ସତ କିନ୍ତୁ ଲୋକଙ୍କ ସେବାରେ ଅପହଞ୍ଚ ହୋଇଥିବାରୁ ଏହି ସହାୟତା ଅର୍ଥ କେବଳ କାଗଜପତ୍ରରେ ରହିଯାଇଛି।



ସାମାକୋଇ ନଦୀ ପଠାରେ ଥିବା ଗାଧୁଆ ଓ ଶୌଚ ଗୃହର ଭଗ୍ନ ଅବସ୍ଥା ।

ନଦୀକୂଳ, ଝରଣା ଓ ପୋଖରୀ ତୁଠରେ ଏହାକୁ କାର୍ଯ୍ୟକାରୀ କରାଯାଇଛି।

ଏ ସମ୍ପର୍କରେ ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚାରିବାରୁ ଏହି ଯୋଜନା ଅନୁଯାୟୀ ମହିଳାମାନେ ସଂପୃକ୍ତ ଗାଧୁଆ ଗୃହକୁ ଉପଯୋଗ କରିବା କଥା। ଏହାକୁ ବ୍ୟବହାର ନ କଲେ ଗୃହ ଭୁଶୁଡି ପଡିବା ଆଶଙ୍କା ରହିଛି। ଏଥିପାଇଁ ଏହି ଗୃହକୁ ସର୍ବସାଧାରଣ ଓ ମହିଳାମାନଙ୍କ ପାଇଁ ହିତରେ ହୋଇପାରିବ ।

# ସ୍ୱାୟତ୍ତ ଶାସନ ଦିବସରେ ଖୋଲିବ ଶିଶୁ ପାର୍କ

**ଆନନ୍ଦପୁର, ୨୮।୮(ସ୍ୱ.ପ୍ର.)**

ଆନନ୍ଦପୁର ପୌରପାଳିକା ୭ ନଂ ୱାର୍ଡ ବ୍ରିଜଛକଠାରେ ପାଖାପାଖି କୋଟିଏ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଶିଶୁ ପାର୍କର ଲୋକାର୍ପଣ ଉତ୍ସବ ଚଳିତ ବର୍ଷ ଫେବୃୟାରୀ ୨୪ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ଶିଶୁ ପାର୍କ ଲୋକାର୍ପଣ ହେବା ସତ୍ତ୍ୱେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଶିଶୁ ମାନଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ଖୋଲାଯାଇପାରି ନ ଥିଲା। ଦୀର୍ଘ ୬ ମାସ ଧରି ଶିଶୁ ପାର୍କରେ ତାଲା ପଡିରହିବା ଘଟଣା ଏବଂ ଏହାର ପରିସରରେ ବୃକ୍ଷଲତାରେ ପରିପୂର୍ଣ୍ଣ ହୋଇ ବ୍ୟବହାର ଅନୁପଯୋଗୀ ହେବା ଘଟଣାକୁ ନେଇ ନାନା ଅସନ୍ତୋଷ ଦେଖାଦେଇଥିଲା। ଫଳରେ ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଶିଶୁ ପାର୍କ ତାଲା ଖୋଲିବା ନେଇ ଦାବି ପତ୍ର ଦିଆଯାଇଥିଲା। ଏପରିକି ଶିଶୁ ପାର୍କ ଖୋଲା ନ ଗଲେ ଧାରଣା ଦିଆଯିବ ବୋଲି ପ୍ରେସ୍ କ୍ଲବ ପକ୍ଷରୁ କୁହାଯାଇଥିଲା। ଚଳିତ ମାସ ଗତ ୧୯ ତାରିଖରେ ଆନନ୍ଦପୁର ବ୍ଲକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ ପକ୍ଷରୁ ପୁନର୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳ ଦୁଇ ଦିନ ମଧ୍ୟରେ ଶିଶୁ ପାର୍କ ତାଲା ଖୋଲିବାକୁ ପୌର ଅଧିକାରୀ ହିତାଂଶୁ ଶେଖର ସାମଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପାର୍କ ପରିସରରେ ଥିବା ଅନାବନା ଘାସ ଲଟା ସଫା କରିବା ସହିତ ଅନ୍ୟ କାର୍ଯ୍ୟ ସବୁକୁ ଶେଷ କରିବାକୁ ବିଳମ୍ବ ହୋଇଥିଲା। ଫଳରେ ଏହାର ତାଲା ଖୋଲା ଯାଇ ନ ଥିଲା। ତେବେ ଚଳିତ ମାସ ୩୧ ତାରିଖରେ ଥିବା ସ୍ୱାୟତ୍ତ ଶାସନ ଦିବସରେ ଶିଶୁ ପାର୍କର ତାଲା ଖୋଲାଯାଇ ଶିଶୁ ମାନଙ୍କ ବ୍ୟବହାରରେ ଲାଗିବ ବୋଲି ପୌର ଅଧିକାରୀ ସାମଲ ସୂଚନା ଦେଇଛନ୍ତି।

# ୩ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ



ବିଧାୟକ ଭାଗୀରଥି ସେଠୀଙ୍କ (ବାମରୁ ୪ର୍ଥ) ଦ୍ୱାରା ଶିଳାନ୍ୟାସ କରାଯାଉଛି।

**ହାଟଡିହୀ,୨୮।୮(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ତିନୋଟି ସ୍ଥାନରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଶିଳାନ୍ୟାସ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀଙ୍କ ଦ୍ୱାରା ହୋଇଛି। ଛେନାପଦିରୁ ପଞ୍ଚୁଗୋଛିଆ ୬ କିମି ୨୦୦ ମି. ରାସ୍ତା ପାଇଁ ୨ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ନିଉଦାନିରୁ ମଉଦା ୫ କିମି ୨୦୦ ମି ରାସ୍ତା ପାଇଁ ୨ କୋଟି ୯ ଲକ୍ଷ ବ୍ୟୟ ଅଟକଳ ହୋଇଛି। ସେହିଭଳି ବରାଙ୍ଗରୁ ସୁନ୍ଦରାପାଳ ରାସ୍ତା ପାଇଁ ୧ କୋଟି ୭୦ ଲକ୍ଷ ବ୍ୟୟ ଅଟକଳ ହୋଇଛି। ଏହି ତିନୋଟି ରାସ୍ତା ହାଟଡିହୀ ଅଞ୍ଚଳର ବେଶ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଭାବେ ଜଣାଶୁଣା। ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଏହି ରାସ୍ତା ନିର୍ମାଣ ହେବ। ପ୍ରଥମେ ବିଧାୟକ ଛେନାପଦି ବିଶ୍ୱ ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ବିଧାୟକ ସେଠୀ ଛେନାପଦୀ, ସୋସୋ ଓ ଜମ୍ବୀରା ପ୍ରଭୃତି ଅଞ୍ଚଳ ଗସ୍ତରେ ଯାଇ ସେଠାରେ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ବିମ୍ବାଧର ବିଶ୍ୱାଳ, ଠିକାଦାର ଧବଳେଶ୍ୱର ପଟ୍ଟନାୟକ ଓ ସଂଗ୍ରାମ ଲେଙ୍କା, ଯନ୍ତ୍ରୀ ଦଶରଥ ସେଠୀ ଓ କ୍ଷୀରୋଦ ଚନ୍ଦ୍ର ବେହେରା, ଆନନ୍ଦପୁର ଏମ୍ପି ପ୍ରତିନିଧି ଶାନ୍ତନୁ ସେଠୀ, ବୁଦ୍ଧଦେବ ଜେନା, ସୁଧାକର ଓଝା, ବିଜୟ ରାଉତ, ସୁରେନ୍ଦ୍ର ଜେନା, ବିଶ୍ୱନାଥ ନାୟକ, ବିନୟ ନାୟକ, ଯୋଗେନ୍ଦ୍ର ବେହେରା ପ୍ରମୁଖଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# କଲେଜରେ ଶିଳ୍ପ ସଚେତନତା କର୍ମଶାଳା

**ତେଲକୋଇ, ୨୮।୮(ଡି.ଏନ.ଏ.)**

ତେଲକୋଇ ଚାରିଗଡ ମହାବିଦ୍ୟାଳୟ ସଭାଗୃହରେ ଦିନିକିଆ ଶିଳ୍ପ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଳ୍ପ ତାଲିମ କେନ୍ଦୁଝର ଅଧିକାରୀ ମାନେ ସାମିଲ ହୋଇ ଶିକ୍ଷାର ସଦୁପଯୋଗ କରିବା ସହିତ ଛାତ୍ରୀଛାତ୍ର ଅଧ୍ୟୟନ ପରେ ନିଜେ ନିଜେ ଏହି କ୍ଷୁଦ୍ର ଶିଳ୍ପ ପାଇଁ ଅନ୍ୟଙ୍କୁ ନିୟୋଜିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲା ଶିଳ୍ପ ଅଧିକାରୀ ଜେନେରାଲ ମ୍ୟାନେଜର କୃଷ୍ଣଚନ୍ଦ୍ର ନାଏକ ଅନ୍ତର୍ଭୁକ୍ତ ରହିଥିବା ବେଳେ କ୍ଷୁଦ୍ରଶିଳ୍ପ ଫର୍ମେଶନ ଅଫିସର ଭଗବତ ସୋରେନ, ସୁରେନ୍ଦ୍ର କୁମାର ଦାଶ, ନରୋତ୍ତମ ହେମ୍ବ୍ରମ ସହିତ ଚାରିଗଡ ମହାବିଦ୍ୟାଳୟର ଅଧକ୍ଷ ମାନଗୋବିନ୍ଦ ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କ ପାଇଁ ଯୋଜନାର ସୁଫଳ ଉପରେ ଆଲୋକପାତ କରିଥିଲେ।

■ ଦୁଇଦିନିଆ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ

# ଷ୍ଟାର କ୍ଳବ ଶୁଆକାଟୀ ଚାମ୍ପିୟନ

**କେନ୍ଦୁଝର, ୨୮।୮ (ସ୍ୱ.ପ୍ର.)**

ଓଡିଶା ଖଣି ନିଗମର ଶୁଆକାଟୀ ଗନ୍ଧମାର୍ଦ୍ଦନ ଲୌହଖଣି ଆନୁକୂଲ୍ୟରେ ଦୁଇଦିବସବ୍ୟାପୀ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମଣ୍ଟ ବୁଧବାର ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶୁଆକାଟୀସ୍ଥିତ ଓଏମସି ଗନ୍ଧମାର୍ଦ୍ଦନ ଲୌହଖଣିର ଆଞ୍ଚଳିକ ପରିଚାଳକ ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ କ୍ରୀଡାର ବିକାଶ ହୋଇପାରିଲେ ଅନେକ ସୁନାମଧନ୍ୟ କ୍ରୀଡାବିତ ବାହାରି ପାରିବେ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଗନ୍ଧମାର୍ଦ୍ଦନ ଲୌହଖଣିର ଡିଜିଏମ (ପର୍ସନାଲ) ଅର୍ଜୁନ ଚରଣ ସାହୁ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର କ୍ରୀଡାର ବିକାଶ ପାଇଁ ଓଡିଶା ଖଣି ନିଗମ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଉଦ୍ଘାଟନୀ ମ୍ୟାଚରେ ବୀର ବିର୍ସାମୁଣ୍ଡା କ୍ଲବ ଶୁଆକାଟୀ ଓ ଷ୍ଟାର୍ କ୍ଲବ ଶୁଆକାଟୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମିମାଂସିତ ହେବା ପରେ ପେନାଲଟି ସୁଟଆଉଟରେ ଷ୍ଟାର କ୍ଲବ ଶୁଆକାଟୀ ୩-୨ ଗୋଲରେ ବୀର ବିର୍ସାମୁଣ୍ଡା କ୍ଲବ ଶୁଆକାଟୀକୁ ହରାଇ ବିଜୟୀ ହୋଇଥିଲା। ଜଗବନ୍ଧୁ ମହାନ୍ତ, ହୃଷିକେଶ ମହାନ୍ତ, ସୁଶାନ୍ତ କୁମାର ସାମଲ ଓ ରଞ୍ଜନ କୁମାର ସାମଲ ପ୍ରମୁଖ ରେଫରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ। ଜି. ଆପନା ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍ଯାପନୀ ଉତ୍ସବରେ ଓଏମ୍ସିର ସିଏସଆର କନସଲଟାଣ୍ଟ ଦିଲୀପ କୁମାର ସାହୁ, ମ୍ୟାନେଜର ଜିଓଲୋଜି ଟି.କେ.କାଣ୍ଡେ, କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପବିତ୍ର ମୋହନ ହୋତା, ଡେପୁଟି ମ୍ୟାନେଜର (ପର୍ସନାଲ) ଅମର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଶୁଆକାଟୀ ସରପଞ୍ଚ ପଞ୍ଚାନନ ବାରିକ, ତଳକଇଁସାରୀ ସରପଞ୍ଚ ଚୈତନ୍ୟ ଚରଣ ମଲିକ, କୁମୁଣ୍ଡି ସରପଞ୍ଚ ସୁକାନ୍ତୀ ଦେହୁରୀ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ସଭାପତି ବାବାଜି ଚରଣ ବାରିକ, ସମ୍ପାଦକ ଅଞ୍ଜନ କୁମାର ବେଜ, ନିର୍ଦ୍ଦେଶକ ଉମାକାନ୍ତ ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୟୀ ହୋଇଥିବା ଟିମ ସହିତ ଅତିଥି ଓ ଆୟୋଜକ ଗଣ।